- Vol.- 46, Issue No. 153
- Tuesday, 2 September 2025
- ମଙ୍ଗଳବାର, ୨ ସେପ୍ଟେମ୍ବର ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




ଏସ୍‌ସିଓ ଶିଖର ସମ୍ମିଳନୀ ଅବସରରେ ମୋଦିଙ୍କୁ ଭବ୍ୟ ଆଲିଙ୍ଗନ କରୁଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ୍।

# କାନ୍ଧକୁ କାନ୍ଧ ମିଶାଇଛନ୍ତି ଭାରତ, ରୁଷିଆ

ତିଆନଜିନ/ନୂଆଦିଲ୍ଲୀ, ୧ ।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚୀନ ଗସ୍ତ ଅବସରରେ ତ୍ରିଶକ୍ତି ଯଥା: ଭାରତ, ଚୀନ ଓ ରୁଷିଆର ରାଷ୍ଟ୍ରମୁଖ୍ୟ ଏକତ୍ର ହେବା ସାରା ବିଶ୍ୱ ପାଇଁ ଐତିହାସିକ ଘଟଣା ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିଆନଜିନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସସିଓ)ର ରାଷ୍ଟ୍ର ମୁଖ୍ୟମାନଙ୍କ ପରିଷଦର ପଞ୍ଚବିଂଶତମ ବୈଠକରେ ଅଂଶଗ୍ରହଣ କରିଛନ୍ତି । ଏହି ଶିଖର ସମ୍ମିଳନୀରେ ଏସସିଓ ବିକାଶ ରଣନୀତି, ବିଶ୍ୱ ଶାସନ ସଂସ୍କାର, ଆତଙ୍କବାଦ ବିରୋଧୀ ପ୍ରୟାସ, ଶାନ୍ତି ଓ ସୁରକ୍ଷା, ଆର୍ଥିକ ଓ ବିତ୍ତୀୟ ସହଯୋଗ ଏବଂ ନିରନ୍ତର ବିକାଶ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏସସିଓ ଢାଞ୍ଚା ଅଧୀନରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଭାରତର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ, ସେ ଉଲ୍ଲେଖ କରିଥିଲେ ଯେ ଭାରତ ତିନୋଟି ସ୍ତମ୍ଭ – ସୁରକ୍ଷା, ସମ୍ପର୍କ ଏବଂ ସୁଯୋଗ ଅଧୀନରେ ବ୍ୟାପକ କାର୍ଯ୍ୟ କରିବାକୁ ଚାହୁଁଛି। ଗୋଟିଏ ପଟେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଦୀର୍ଘ ଆଲୋଚନା କରି ପାରସ୍ପରିକ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଥିବାବେଳେ ଅନ୍ୟପଟେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ସହ ବ୍ୟବସାୟ ଏବଂ ସୀମା ସମସ୍ୟା ଉପରେ ଆଲୋଚନା କରିଥିଲେ ମୋଦି । ସାଙ୍ଘାଇ ସହଯୋଗ ସଂଗଠନ ଶେଷ ହେବା ପରେ ପ୍ରକାଶିତ ଘୋଷଣାପତ୍ରରେ ଭାରତର ‘ଏକ ଆଦର୍ଶ, ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟ’



- ଭାରତର ବଡ଼ କୂଟନୈତିକ ବିଜୟ
- ମିଳିତ ଘୋଷଣାନାମାରେ ପହଲଗାମ ଆତଙ୍କୀ ଘଟଣାକୁ ନିନ୍ଦା
- ଭାରତର ମନ୍ତ୍ର ‘ଏକ ଆଦର୍ଶ, ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟ’
- ଏସସିଓରେ ତ୍ରିଶକ୍ତି ଭାରତ-ଚୀନ-ରୁଷିଆ
- ମୋଦି-ପୁଟିନ୍ ୪୫ ମିନିଟ୍ ହେଲେ କଥାବାର୍ତ୍ତା
- ଭାରତର ତିନୋଟି ସ୍ତମ୍ଭ-ସୁରକ୍ଷା, ସମ୍ପର୍କ ଏବଂ ସୁଯୋଗ

ଚିନ୍ତାଧାରାକୁ ସ୍ଥାନ ମିଳିଛି । ସଦସ୍ୟ ଦେଶମାନେ ଏହାକୁ ଗ୍ରହଣ କରିଛନ୍ତି । ସମସ୍ତ ପ୍ରକାରର ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଦୃଢ଼ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେବା ପାଇଁ ସଦସ୍ୟ ଦେଶଗୁଡ଼ିକୁ ସେ ଆହ୍ୱାନ କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସଦସ୍ୟ ଦେଶଗୁଡ଼ିକୁ ସେମାନଙ୍କ ଏକତା ପାଇଁ ଧନ୍ୟବାଦ ଜଣାଇ ସେ ଆତଙ୍କବାଦ ବିରୋଧରେ ଲଢ଼ିବାରେ କୌଣସି ଦ୍ୱନ୍ଦ୍ୱ ରହିବା ଉଚିତ୍ ନୁହେଁ ବୋଲି ଆହ୍ୱାନ କରିଥିଲେ। ଏସସିଓର ମିଳିତ ଘୋଷଣାନାମାରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗ ଏସସିଓ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନ ପୂର୍ବରୁ କିଛି ହାଲୁକା ମୁହୂର୍ତ୍ତରେ ଏକାଠି ହୋଇଥିଲେ। ତିନି ବିଶ୍ୱ ନେତା ଏକ ଆକର୍ଷଣୀୟ ସ୍ଥାନରେ ଆଲୋଚନା ଏବଂ କଥାବାର୍ତ୍ତା କରୁଥିବାର ଦେଖାଯାଇଥିଲା। ରାଷ୍ଟ୍ରପତି ପୁଟିନ ଏବଂ ପ୍ରଧାନମନ୍ତ୍ରୀ ମୋଦି ପରସ୍ପରକୁ ଭବ୍ୟ ଆଲିଙ୍ଗନ ସହିତ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ପୁଟିନ ଏକାଠି କଥାବାର୍ତ୍ତା କରି ଆଗକୁ ବଢୁଥିବା ସମୟରେ, ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏକ କୋଣରେ ଠିଆ ହୋଇଥିଲେ। ଏହି ସମୟରେ ସେ ବହୁତ ଉତ୍ତେଜନାପୂର୍ଣ୍ଣ ଦେଖାଯାଉଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।ପୁଟିନଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନାରେ ମୋଦି କହିଥିଲେ, ଭାରତ ଏବଂ ରୁଷିଆ ସବୁବେଳେ ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛନ୍ତି। ଆମର ଘନିଷ୍ଠ ସହଯୋଗ କେବଳ ଉଭୟ ଦେଶର ଲୋକଙ୍କ ପାଇଁ ନୁହେଁ, ବରଂ ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆଲୋଚନା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ପୁଟିନ୍ କାର୍‌ରେ ୪୫ ମିନିଟ୍ ପାଇଁ କଥାବାର୍ତ୍ତା କରିଥିଲେ, ଯାହାର ଫଟୋ ପ୍ରଧାନମନ୍ତ୍ରୀ ମୋଦି ନିଜେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶେୟାର କରିଛନ୍ତି।

---

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଟିଇଟି ପାସ ବାଧ୍ୟତାମୂଳକ

### ନୋହିଲେ ଶିକ୍ଷକ ଚାକିରି ଛାଡ଼ିବାକୁ ପଡ଼ିବ

ନୂଆଦିଲ୍ଲୀ, ୧ ।୯ : ସୁପ୍ରିମକୋର୍ଟଙ୍କ ପକ୍ଷରୁ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଛି। ଶିକ୍ଷକତା ଜାରି ରଖିବା କିମ୍ବା ପଦୋନ୍ନତି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଟିଇଟି ପାସ୍ ବାଧ୍ୟତାମୂଳକ । ସୁପ୍ରିମକୋର୍ଟଙ୍କ ବିଚାରପତି ଦୀପଙ୍କର ଦତ୍ତା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଦୁଇ ଜଣିଆ ଖଣ୍ଡପୀଠ ଏକ ରାୟରେ କହିଛନ୍ତି ଯେ ଯେଉଁ ଶିକ୍ଷକଙ୍କର ଅବସର ଗ୍ରହଣ ପାଇଁ ପାଞ୍ଚ ବର୍ଷ ବା ତାହାଠାରୁ ଅଧିକ ସମୟ ବାକି ଅଛି ସେମାନଙ୍କୁ ମଧ୍ୟ ଚାକିରି ଜାରି ରଖିବା ପାଇଁ ଟିଇଟିରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଯାଇଛି । ଯଦି ସଂପୃକ୍ତ ଶିକ୍ଷକମାନେ ଟିଇଟି ପାସ୍ କରିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କୁ ଚାକିରି ଛାଡ଼ିବାକୁ ପଡ଼ିବ । ସେମାନେ ଅବସର ଗ୍ରହଣ ସହିତ ଟର୍ମିନାଲ ବେନିଫିଟ୍ସ ପାଇଁ ଆବେଦନ କରିପାରିବେ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏହି ନିୟମ ଲାଗୁ ହେବ କିମ୍ବା ନାହିଁ ସେନେଇ ବୃହତ୍ତର ଖଣ୍ଡପୀଠକୁ ମାମଲା ଉଲ୍ଲେଖ କରାଯାଇଛି । ରାଜସ୍ଥାନ ସରକାରଙ୍କ ନିୟମ ବିରୋଧରେ ଦାୟର ଏକ ମାମଲାରେ ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୨୦୧୮ରେ ରାଜସ୍ଥାନ ସରକାର ଶିକ୍ଷକମାନଙ୍କ ପାଇଁ ଟିଇଟି ପାସ ବାଧ୍ୟତାମୂଳକ କରିଥିଲେ । ଏହା ବିରୋଧରେ ବହୁ ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ।

---

## ମୋହନ ମାଝୀଙ୍କ ଦିଲ୍ଲୀ ଗସ୍ତ

### ବଢ଼ିଲା ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଚର୍ଚ୍ଚା

ଭୁବନେଶ୍ୱର, ୧ ।୯ : ଜିଏସଟି କାଉନସିଲ ବୈଠକରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେଥିଲାଗି ୪ ଦିନିଆ ଗସ୍ତରେ ଏବେ ଅଛନ୍ତି ମୁଖ୍ୟମନ୍ତ୍ରୀ । ସେପ୍ଟେମ୍ବର ୩ ଓ ୪ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ଜିଏସଟି କାଉନସିଲର ୫୬ ତମ ବୈଠକ । ଦିଲ୍ଲୀ ଗସ୍ତ ପୂର୍ବରୁ



ଓଡ଼ିଶା ଉପସ୍ଥାପନ କରିବାକୁ ଯାଉଥିବା ପ୍ରସ୍ତାବ ନେଇ ବୈଠକ କରିଛନ୍ତି ଶ୍ରୀ ମାଝୀ । ପରିବର୍ତ୍ତନ ହେବାକୁ ଥିବା ଜିଏସଟି ସ୍ଲାବ ସଂପର୍କରେ ବୈଠକରେ ଆଲୋଚନା ହୋଇଛି । ବର୍ତ୍ତମାନ ୪ଟି ସ୍ଲାବ ୫, ୧୨, ୧୮ ଓ ୨୮ ପ୍ରତିଶତରେ ଜିଏସଟି ରହିଛି। ଏହାକୁ ପରିବର୍ତ୍ତନ କରାଯାଇ ୨ଟି ପର୍ଯ୍ୟାୟରେ ଲାଗୁ କରାଯିବାକୁ ପ୍ରସ୍ତାବ ରହିଛି । ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫ ପ୍ରତିଶତ ଦ୍ରବ୍ୟ ଓ ସେବା କର ଲାଗୁ ହେବ । ସେହିପରି ଅନ୍ୟ ସାଧାରଣ ସାମଗ୍ରୀ ଉପରେ ଲାଗିବ ୧୮ ପ୍ରତିଶତ । ବିଳାସ ସାମଗ୍ରୀ ଓ ତମାଖୁ ଆଦି ପଦାର୍ଥ ଉପରେ ସ୍ୱତନ୍ତ୍ର ୪୦ ପ୍ରତିଶତ ଜିଏସଟି ଲାଗୁ କରାଯିବାର ବ୍ୟବସ୍ଥା ରହିଛି । ଜିଏସଟି ବୈଠକରେ ଯୋଗ ଦେବା ସହ ଓଡ଼ିଶାରେ ସେମିକଣ୍ଡକଟର ସେକ୍ଟରରେ ପୁଞ୍ଜିନିବେଶ ନେଇ ମଧ୍ୟ ଆଲୋଚନା କରିପାରନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ଯଦି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟନ୍ତି ତେବେ ରାଜ୍ୟର ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ମଧ୍ୟ ସେ ଆଲୋଚନା କରିପାରନ୍ତି।

---

# ଆଫଗାନିସ୍ତାନରେ ଭୟଙ୍କର ଭୂକମ୍ପ

- ମୃତ୍ୟୁସଂଖ୍ୟା ୮୦୦ ଟପିଲା, ୨ହଜାରରୁ ଅଧିକ ଆହତ
- ବହୁ କୋଠା ଛାରଖାର, ଅନେକ ଗାଁ ନିଶ୍ଚିହ୍ନ
- ଭାରତ ପଠାଇଲା ସହାୟତା



ନୂଆଦିଲ୍ଲୀ, ୧ ।୯ : ଆଫଗାନିସ୍ତାନରେ ଶକ୍ତିଶାଳୀ ଭୂମିକମ୍ପ ଦେଶର ବିଭିନ୍ନ ଅଞ୍ଚଳକୁ ଛାରଖାର କରିଦେଇଛି। ମୃତ୍ୟୁ ସଂଖ୍ୟା ୮୦୦ ଅତିକ୍ରମ କରିଛି। ୨ ହଜାରରୁ ଅଧିକ ଲୋକ ଏଥିରେ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଚାଲିଛି। ରବିବାର ରାତି ପ୍ରାୟ ୧୧ଟା ୪୭ରେ ପାକିସ୍ତାନ ସୀମା ସଂଲଗ୍ନ ପୂର୍ବ ଆଫଗାନିସ୍ତାନରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬ ରହିଥିଲା। ରାତି ସମୟରେ ଭୂକମ୍ପ ହେବାରୁ ମୃତ୍ୟୁ ସଂଖ୍ୟା ବଢ଼ିଲା ବୋଲି କୁହାଯାଉଛି। ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, ଅନେକ ଗାଁ ନିଶ୍ଚିହ୍ନ ହୋଇଯାଇଛି। ବହୁ କୋଠା ଧୂଳିସାତ ହୋଇଯାଇଛି। ଭୂକମ୍ପ ସମୟର ଅନେକ ଦୃଶ୍ୟ ଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାରେ ଲାଗିଛି। ଭୂପୃଷ୍ଠରୁ ୮ କିଲୋମିଟର ଗଭୀରରେ ଭୂକମ୍ପର ଉପ୍ତତ୍ତିସ୍ଥଳ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପ ଯୋଗୁଁ ପ୍ରାଣହାନି ପାଇଁ ଶୋକ ପ୍ରକାଶ କରିଛନ୍ତି । ଏକ୍ସରେ ସେ ପୋଷ୍ଟ କରିଛନ୍ତି; “ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପ ଯୋଗୁଁ ଜୀବନହାନି ପାଇଁ ଗଭୀର ମର୍ମାହତ । ଏହି କଷ୍ଟ ସମୟରେ ଆମର ସମ୍ବେଦନା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସହିତ ରହିଛି ଏବଂ ଆମେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛୁ । ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ମାନବୀୟ ସହାୟତା ଏବଂ ରିଲିଫ ଯୋଗାଇବାକୁ ଭାରତ ପ୍ରସ୍ତୁତ ରହିଛି ।” ଇତିମଧ୍ୟରେ ଭାରତ ପକ୍ଷରୁ ବିପନ୍ନଙ୍କ ନିକଟକୁ ସହାୟତା ପଠାଯାଇଛି।

---

## ସୁନା ଚମକିଲା: ସୁନା, ରୁପାର ମୂଲ୍ୟରେ ବୃଦ୍ଧି

ନୂଆଦିଲ୍ଲୀ, ୧ ।୯ : ଘରୋଇ ସୁନା ବଜାରରେ ସୋମବାର ଦ୍ରୁତ ବୃଦ୍ଧି ଧାରା ଦେଖିବାକୁ ମିଳିଛି। ମୂଲ୍ୟ ବୃଦ୍ଧିଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା



ପ୍ରତି ୧୦ ଗ୍ରାମ ୧,୦୨,୩୬୦ ଟଙ୍କାରୁ ନେଇ ୧,୦୨,୫୧୦ ଟଙ୍କା ସ୍ତରରେ କାରବାର ହୋଇଛି। ଅନ୍ୟପକ୍ଷରେ, ୨୨ କ୍ୟାରେଟ୍ ସୁନା ୯୪,୧୯୦ ଟଙ୍କାରୁ ନେଇ ୯୪,୩୪୦ ଟଙ୍କା ପ୍ରତି ୧୦ ଗ୍ରାମ ସ୍ତରରେ ବିକ୍ରି ହେଉଛି। ଦିଲ୍ଲୀରେ ୨୪କ୍ୟାରେଟ୍ ସୁନା ଆଜି ୧,୦୨,୫୧୦ ଟଙ୍କା ପ୍ରତି୧୦ ଗ୍ରାମ ସ୍ତରରେ କାରବାର ହେଉଛି, ଯେତେବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୪,୩୪୦ ଟଙ୍କା ପ୍ରତି ୧୦ ଗ୍ରାମ ରେକର୍ଡ କରାଯାଇଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ, ୨୪ କ୍ୟାରେଟ୍ ସୁନା ୧,୦୨,୩୬୦ ଟଙ୍କା ପ୍ରତି୧୦ ଗ୍ରାମ ଏବଂ ୨୨ କ୍ୟାରେଟ ସୁନା ୯୪,୧୯୦ ପ୍ରତି ୧୦ ଗ୍ରାମ ସ୍ତରରେ ବିକ୍ରି ହେଉଛି।

---

## ନୂଆ ଭୁବନେଶ୍ୱରରେ ଶିଳ୍ପସଂସ୍ଥା ବି ପାଇବ ଗୁରୁତ୍ୱ

### ■ ୨ମାସରେ ଡିପିଆର୍ ଦେବ ସିଙ୍ଗାପୁର



ଭୁବନେଶ୍ୱର, ୧ ।୯ (ନିପ୍ର): ନୂଆ ଭୁବନେଶ୍ୱର ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନୂଆ ଭୁବନେଶ୍ୱର ନେଇ ବଢିଛି ଉତ୍କଣ୍ଠା। ୮୦୦ ଏକର ଜାଗାରେ ହେବ ନୂଆ ଭୁବନେଶ୍ୱର । ମଳିପଡା, ଦାସପୁର, ଅନ୍ଧାରୁଆ, ଗୋଠପଟଣା ଭଳିଅଞ୍ଚଳକୁ ନେଇ ନୂଆ ସହର ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଏହାର ଢ଼ଙ୍ଗ ଏବଂ ଡିଜାଇନ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି । ଦୋଲେରା ଗିଫ୍ଟ ସିଟି ଢାଞ୍ଚାରେ ଏହାରନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି। ନୂଆ ସହରରେ ଆଇଟି ପାର୍କ, ମେଡିକାଲ ସୁବିଧା, ଲୋକ ରହିବା ପାଇଁ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ପଥଚାରୀଙ୍କ ପାଇଁ ଚାଲିବା ବ୍ୟବସ୍ଥା, ଓପନ ସ୍ପେସ, ଅର୍ଥନୀତିକ ଆକ୍ଟିଭିଟି ରହିବା ସହ ନନ ପୋଲୁଟିଙ୍ଗ ହବ୍ ରହିବା ନେଇ ବ୍ୟବସ୍ଥା ହୋଇଛି । ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ୍ୟ ଗୁରୁତ୍ୱଦିଆଯିବ। ଏହାର ଡିପିଆର ସିଙ୍ଗାପୁର ସରକାର ବନାଉଥିବା ବେଳେ, ଆବଶ୍ୟକ ଅର୍ଥ ମଧ୍ୟରେ ସେମାନଙ୍କୁ ଦିଆଯାଇଛି । ଆସନ୍ତା ଏକ ମାସର ଦୁଇ ମାସ ଭିତରେ ରାଜ୍ୟ ସରକାରଙ୍କୁ ଡିପିଆର ଦେବ ସିଙ୍ଗାପୁର। ସହର ବୃଦ୍ଧି ସହ ସହରକୁ ରି-ଡେଭଲପମେଣ୍ଟ ମଧ୍ୟ କରିବାକୁ ଆମେ ଯୋଜନା କରୁଛୁ ମନ୍ତ୍ରୀ କହିଛନ୍ତି ।

---

# ଦୁର୍ଗାପୂଜାରେ ବାଜିବନି ଡିଜେ, ଫୁଟିବନି ବାଣ

ଭୁବନେଶ୍ୱର, ୧ ।୯ : ଆଗକୁ ଆସୁଛି ଶାରଦୀୟ ଦୁର୍ଗା ପୂଜା। ରାଜଧାନୀର ବିଭିନ୍ନ ଦୁର୍ଗା ପୂଜା କମିଟି ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ତେବେ ଏଥର ଦୁର୍ଗା ପୂଜାରେ ବାଜିବନି ଡିଜେ, ଫୁଟିବନି ଆତସବାଜି । ଲୋକଙ୍କ ଉପରକୁ ପଡିବନି ଲେଜର ଲାଇଟ। ଭୁବନେଶ୍ୱର କମିଶନରଙ୍କ ଅଧକ୍ଷତାରେ ଭୁବନେଶ୍ୱର ୟୁପିଡିରେ ହେବାକୁ ଥିବା ୧୯୦ ମଣ୍ଡପର କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥି ସହିତ ଭସାଣ ବେଳେ ଦେଖାଯାଉଥିବା ବିଭିନ୍ନ ଅସୁବିଧା



ସମ୍ପର୍କରେ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ପୋଲିସ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ସହିତ ଭୁବନେଶ୍ୱର ୟୁପିଡିରେ ବାଣ ଫୁଟିବନାହିଁ। କେବଳ ରାବଣ ପୋଡିରେ ନିର୍ଦ୍ଦିଷ୍ଟ ଡେସିବଲର ଆତସବାଜିକୁ ଅନୁମତି ଦିଆଯିବ। ମେଢ଼ଗୁଡିକରେ ଲେଜର ଲାଇଟ ଲାଗିବନାହିଁ। ବିଭିନ୍ନ ପୂଜା କମିଟିରେ ମୁତୟନ ହେବେ ମହିଳା ପୋଲିସ, ସିସିଟିଭିରେ ଛାଉଣୀ ହେବ ମଣ୍ଡପ ।ସେହିପରି ବୈଠକରେ ବଟି ମାଗିଲେ ପୂଜା କମିଟି ସଦସ୍ୟମାନେ ବନ୍ଧାହେବେ ବୋଲି ପୋଲିସ କମିଶନର ସ୍ପଷ୍ଟ ଭାବେ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ଏଥର ଲୋକେ ଦେଖିବେ ୧୮୭ଟି ମୃଣ୍ମୟୀ ମୂର୍ତ୍ତି । ବିନା କେମିକାଲ ଓ ବିନା ପ୍ଲାଷ୍ଟିକରେ ମୂର୍ତ୍ତି ନିର୍ମାଣ କରିବାକୁ ଅନେକ ପୂଜା କମିଟି କହିଛନ୍ତି । ପୂଜା ମଣ୍ଡମରେ ଅନୁଷ୍ଠିତ ହେଉଥିବା ମେଲୋଡି କାର୍ଯ୍ୟକ୍ରମ ୧୦ଟା ପରିବର୍ତ୍ତେ ୧୨ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ରାବଣ ପୋଡିବେଳେ ଧ୍ୱନି ପ୍ରଦୂଷଣ କରୁଥିବା ବାଣକୁ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି। ଭସାଣ ବେଳେ ଭାଇବ୍ରେଟ ମ୍ୟୁଜିକ, ଡିଜେ ବାରଣ କରାଯାଇଛି । ଅବକାରୀ ବିଭାଗକୁ ଚୋରା ମଦ ଓ ଡ୍ରଗ୍ସ ରୋକିବାକୁ ନିର୍ଦ୍ଦେଶ ସମନ୍ୱୟ ବୈଠକରେ ମତ ପ୍ରକାଶ ପାଇଛି। ବିଏମସି ପକ୍ଷରୁ ଡ୍ରେନେଜ ସମସ୍ୟାର ସମାଧାନ, ରାସ୍ତା ଘାଟ ମରାମତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ଆର୍ଥିକ ଅନୁଦାନ ପାଇଁ ଦାବି ହୋଇଛି । ସେହିପରି ବିଦ୍ୟୁତ ପାଇଁ ସିଙ୍ଗିଲ ମିଟର ବ୍ୟବସ୍ଥା, ଭ୍ରାମ୍ୟମାଣ ଟଏଲେଟ ବ୍ୟବସ୍ଥା ଓ ଅଗ୍ନିଶମ, ପାନୀୟ ଜଳ, ଖୋଳା ହୋଇଥିବା ରାସ୍ତାଘାଟ ନିର୍ମାଣ, ଗଛକଟା ଆଦି ପ୍ରସଙ୍ଗରେ ବିଭିନ୍ନ ବିଭାଗର ସହଯୋଗ ଲୋଡିଥିଲେ ପୂଜା କମିଟି ସଦସ୍ୟ ।

- ମେଢ଼ଗୁଡିକରେ ଲେଜର ଲାଇଟ ମନା
- ରାବଣ ପୋଡିରେ ନିର୍ଦ୍ଦିଷ୍ଟ ଡେସିବଲର ବାଣଫୁଟାକୁ ମିଳିବ ଅନୁମତି
- ମେଲୋଡି କାର୍ଯ୍ୟକ୍ରମ ରାତି ୧୨ଟା ସୁଦ୍ଧା ଶେଷ

### କାଶତଣ୍ଡୀର ଆଗମନରେ ପ୍ରକୃତି ଆନମନା

# ଧରାପୃଷ୍ଠରେ ଅବତରଣ କରିବେ ମା'



*ଧଳା ଚାମର ଧରି ପାର୍ବଣଋତୁକୁ ସ୍ୱାଗତ କରିବା ସହିତ କାଶତଣ୍ଡୀ ଯେମିତି ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି। ଆକାଶର ନୀଳିମାରେ ଖଣ୍ଡ ଖଣ୍ଡ ବାଦଲ । ତଳେ ବସୁମତି ଦେହରେ ଧଳାଫୁଲ ଓ ସବୁଜ ବନାନୀକୁ ନେଇ ପ୍ରକୃତିର ଶୋଭା ବଢ଼ାଉଛି ଏହି ଅପୂର୍ବ ପୁଷ୍ପ ।*





ଗୋଲାମୁଣ୍ଡା(ରବୀନ୍ଦ୍ର ରାଉତ): କାଶତଣ୍ଡୀକୁ ଦେଖିଲେ ଶରତ ଋତୁର ଆଗମନ ଏବଂ ପାର୍ବଣ ଋତୁର ଆରମ୍ଭ ବୋଲି ସାରା ଜଗତ ଜାଣିଥାନ୍ତି । ଚଳିତ ବର୍ଷ ଅଗଷ୍ଟ ୨୭ରେ ଗଣେଶ ଚତୁର୍ଥୀ ଓ ୨୮ରେ ନୂଆଖାଇ ସରିଛି। ଏଠାରୁ ଆରମ୍ଭହୋଇଛି ପାର୍ବଣ ଋତୁ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାର୍ବଣ ଋତୁର ଅୟମାରମ୍ଭ ପୂର୍ବରୁ ପସରା ମେଲିଛି କାଶତଣ୍ଡୀ । ଏବର୍ଷ ଟିକେ ଆଗରୁ ଧରିତ୍ରୀ ବୁକୁରେ କାଶତଣ୍ଡୀ ଶୋଭା ପାଉଥିବା ବେଳେ ଦୁର୍ଗା ପୂଜା ହେବାକୁ ଆଉ କିଛି ଦିନ ବାକି ରହିଛି। ଆଶ୍ୱିନରେ ଧରାବତରଣ କରିବେ ଜଗତଜନନୀ । ଏବେ କଳାହାଣ୍ଡି ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଶତଣ୍ଡୀର ଶୋଭା ସମ୍ଭାର ଦେଖିବାକୁ ମିଳିଛି। ନଦୀର କୁଳୁକୁଳୁ ନାଦ, ସୁଲୁସୁଲିଆ ପବନରେ ପରିବେଶକୁ ପୁଲକିତ କରୁଛି କାଶତଣ୍ଡୀ। ଧଳା ଚାମର ଧରି ପାର୍ବଣଋତୁକୁ ସ୍ୱାଗତ କରିବା ସହିତ କାଶତଣ୍ଡୀ ଯେମିତି ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି। ଆକାଶର ନୀଳିମାରେ ଖଣ୍ଡ ଖଣ୍ଡ ବାଦଲ । ତଳେ ବସୁମତି ଦେହରେ ଧଳାଫୁଲ ଓ ସବୁଜ ବନାନୀକୁନେଇ ପ୍ରକୃତିର ଶୋଭା ବଢ଼ାଉଛି ଏହି ଅପୂର୍ବ ପୁଷ୍ପ । ଏବେ ପ୍ରକୃତିର ଏହି ଭରପୂର ମନୋହର ଦୃଶ୍ୟ ଦେଖି ଆନନ୍ଦରେ ବିଭୋର ହୋଇ ଉଠୁଛି ତନୁମନ । ସବୁ ନଦନଦୀ, କୃଷି କ୍ଷେତ୍ରର ହୁଡ଼ା, ଜଙ୍ଗଲ ପର୍ବତର ବିସ୍ତୀର୍ଣ୍ଣ ଭୂଭାଗରେ କାଶତଣ୍ଡୀର ପସରା । ଏହାକୁ ଦେଖି ଯିଏ ହେଲେ କିଛି ସମୟ ଅଟକି ଯାଉଛି । ଧଳା ରଙ୍ଗକୁ ଶାନ୍ତିର ପ୍ରତୀକ ଭାବେ ବିବେଚନା କରାଯାଏ । ତେଣୁ କାଶତଣ୍ଡୀ ସାରା ସଂସାରରେ ବିଞ୍ଚି ଚାଲିଛି ସତ୍ୟ ଓ ଶାନ୍ତିର ବାର୍ତ୍ତା । ପ୍ରକୃତି ରାଣୀ କାଶତଣ୍ଡୀର ଧଳା ଚଦରରେ ନିଜକୁ ଘୋଡାଇ ନେଇଛି। ସତରେ ମନକୁ ବିମୋହିତ କରିବା ଭଳି ଦୃଶ୍ୟ । ଯାହାକୁ ଥରେ ଦେଖିଲେ ମନ ପ୍ରଫୁଲ୍ଲିତ ହେବା ସହ ମନକୁ ଅପୂର୍ବ ଆନନ୍ଦ ଦେଇଥାଏ।





## ମହିଷାସୁରମର୍ଦ୍ଦିନୀ

ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ।ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସଂତ୍ରସ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ ।




## ତୁଳସୀ ଗଛ ଥିଲେ ଆସେ ସକାରାତ୍ମକ ଶକ୍ତି



ବାସ୍ତୁ ଅନୁସାରେ, ଘରେ ତୁଳସୀ ଗଛ ଥିଲେ ସକାରାତ୍ମକ ଶକ୍ତି ଜାତ ହୋଇଥାଏ ଏବଂ ନକାରାତ୍ମକ ଶକ୍ତି ନଷ୍ଟ ହୋଇଯାଇଥାଏ। ପ୍ରତିଦିନ ସକାଳେ ତୁଳସୀ ଗଛରେ ପାଣି ଦେଲେ ଅନେକ ପ୍ରକାର ବାସ୍ତୁ ଦୋଷ ଦୂର ହୋଇଥାଏ। ବିଷ୍ଣୁ ପୂଜାରେ ତୁଳସୀ ଗଛ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ବୋଲି ଏକ ବିଶ୍ୱାସ ରହିଛି। ଘରେ ତୁଳସୀ ଗଛକୁ ସେହି ସ୍ଥାନରେ ରଖିବା ଉଚିତ, ଯେଉଁଠି ବାସ୍ତୁ ଦୋଷ ଥିବ। ଶନି ଓ ମଙ୍ଗଳ ପ୍ରଭାବ ଦୂର କରିବା ପାଇଁ ତୁଳସୀ ଗଛ ବହୁତ ଜରୁରୀ ହୋଇଥାଏ। ତୁଳସୀ ଗଛ ଝାଉଁଳି ପଡ଼ିବା ଦେଇଥାଏ. ଅଶୁଭ ସଂକେତ,ତୁରନ୍ତ ଆଉ ଏକ ଚାରା ଲଗାଇବା ଦରକାର।

-ଯଦି ଘର ଉପରକୁ କୌଣସି ସଙ୍କଟ ଆସିବାର ଅଛି, ତା'ହେଲେ ସର୍ବପ୍ରଥମେ ସେହି ଘରୁ ଲକ୍ଷ୍ମୀ ଅର୍ଥାତ୍ ମା' ତୁଳସୀ ଚାଲିଯାଇ ଥାଆନ୍ତି ଏବଂ ସେଠାରେ ଦାରିଦ୍ର୍ୟ ବାସ କରିବାକୁ ଲାଗିଥାଏ।

-ଯଦି ତୁଳସୀ ଗଛ ଝାଉଁଳି ପଡ଼ିଛି କି ଶୁଖି ଯାଇଛି, ତା'ହେଲେ ତାକୁ ଘରେ ରଖନ୍ତୁ ନାହିଁ। ଏହାକୁ କୌଣସି ନଦୀରେ ବିସର୍ଜନ କରି ଦିଅନ୍ତୁ। କାରଣ, ଶୁଖି ଯାଇଥିବା ତୁଳସୀ ଗଛ ଘର ପାଇଁ ଅଶୁଭ ହୋଇଥାଏ। ଏହା ଭବିଷ୍ୟତରେ ହେବାକୁ ଥିବା ସଂକଟର ସଙ୍କେତ ଦେଇଥାଏ।

-ତୁଳସୀ କୁଣ୍ଡକୁ ରୋଷେଇ ଘର ପାଖରେ ରଖିବା ଦ୍ୱାରା କୌଣସି ବି ପ୍ରକାର ଗୃହ କଳହରୁ ମୁକ୍ତି ପାଇହେବ।

-ମହିଳାମାନେ ଯଦି ପ୍ରତିଦିନ ଶୁଦ୍ଧ ଜଳରେ ତୁଳସୀ ପକାଇ ଶାଳଗ୍ରାମରେ ଅଭିଷେକ କରିବେ, ତା'ହେଲେ ବାସ୍ତୁ ଦୋଷ ସମାପ୍ତ ହୋଇଯିବ।

-ସନ୍ତାନ ଯଦି ଆପଣଙ୍କ ନିୟନ୍ତ୍ରଣରୁ ବାହାରି ଯାଇଛି, ତା'ହେଲେ ପୂର୍ବ ଦିଗରେ ରଖାଯାଇଥିବା ତୁଳସୀର ୩ଟି ପତ୍ରକୁ ପ୍ରତିଦିନ ପିଲାକୁ ଖୁଆନ୍ତୁ, ତାର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହେବ।

## ଗାଳି ବଦଳରେ ଫଳ



ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଫରୁଖାବାଦ ଯାଇଥାନ୍ତି। ସେଠାରେ ଗଙ୍ଗା ନଦୀ କୂଳରେ ସେ କିଛି ସମୟ ପର୍ଯ୍ୟନ୍ତ ବସି ରହିଲେ। ନିକଟରେ ଏକ କୁଟୀର ଥିଲା। ସେଠି ଜଣେ ସାଧୁ ରହୁଥିଲେ। ସ୍ୱାମୀଜୀଙ୍କୁ ସେଠାରେ ଦେଖି ସାଧୁ ଜଣ ଈର୍ଷା କଲେ। ସେ ପ୍ରତିଦିନ ସ୍ୱାମୀଜୀଙ୍କ ପାଖକୁ ଆସି ତାଙ୍କୁ ଗାଳି ଦେବାକୁ ଲାଗିଲା, କିନ୍ତୁ ସ୍ୱାମୀଜୀ ସେଥିପ୍ରତି ଧ୍ୟାନ ନଦେଇ ହସିଦେଉଥିଲେ। ଦିନେ ସ୍ୱାମୀଜୀଙ୍କ ଜଣେ ଭକ୍ତ ତାଙ୍କୁ ଫଳ ଟୋକେଇ ଆଣି ଦେଲା। ସ୍ୱାମୀଜୀ ସେଥିରୁ କିଛି ଫଳ ବାହାର କରି ନିଜର ଜଣେ ଶିଷ୍ୟଙ୍କୁ ଦେଖି କହିଲେ, ଯାଅ ସେହି ସାଧୁ ବାବାଙ୍କୁ ଦେଇ ଆସ। ଶିଷ୍ୟ ଫଳ ନେଇ ସେହି ସାଧୁଙ୍କ ନିକଟରେ ପହଞ୍ଚିଲା। ସେ ସ୍ୱାମୀଜୀଙ୍କ ନାମ ଉଚ୍ଚାରଣ କରିବା କ୍ଷଣି ସାଧୁ ଚିଲ୍ଲାଇ କହିଲେ, ସକାଳୁ ସକାଳୁ ତୁମେ କାହିଁକି ସେହି ଶଠର ନାମ ଉଚ୍ଚାରଣ କଲ ! ଆଜି ଦିନ ସାରା ମୋତେ ଭୋଜନ ମିଳିବ ନାହିଁ। ତୁମେ ନିଶ୍ଚୟ ଭୁଲ କରୁଛ। ତୁମ ଗୁରୁ ଏହି ଫଳ ହୁଏତ' ଆଉ କାହା ପାଇଁ ପଠାଇଥିବେ। ଶିଷ୍ୟ ଫେରିଆସି ସ୍ୱାମୀଜୀଙ୍କୁ ସବୁକଥା କହିଲେ। ସ୍ୱାମୀଜୀ ଶିଷ୍ୟକୁ ପୁଣିଥରେ ପଠାଇ କହିଲେ, ତୁମେ ସାଧୁଙ୍କୁ କହିବ ଯେ ସେ ପ୍ରତିଦିନ ସ୍ୱାମୀଜୀଙ୍କ ଉପରେ ଅମୃତ ବର୍ଷା କରୁଛନ୍ତି। ଏହି କାରଣରୁ ତାଙ୍କର ଅନେକ ବଳ ନଷ୍ଟ ହେଉଛି। ସେଥିପାଇଁ ଆପଣ ଏହି ଫଳର ସ୍ୱାଦ ଆସ୍ୱାଦନ କରନ୍ତୁ । ଯାହାଦ୍ୱାରା ଆପଣଙ୍କୁ ଶକ୍ତି ମିଳିବ। ଶିଷ୍ୟ ଏହି ବାର୍ତ୍ତା ସାଧୁଙ୍କ ନିକଟରେ ପହଞ୍ଚାଇଲେ। ଏହାଶୁଣି ସାଧୁଙ୍କ ହୃଦୟ ତରଳିଗଲା। ସେ ପଶ୍ଚାତାପରେ ଜଳିବାକୁ ଲାଗିଲେ।

**ତୁମ ଗୁରୁ ଏହି ଫଳ ହୁଏତ' ଆଉ କାହା ପାଇଁ ପଠାଇଥିବେ। ଶିଷ୍ୟ ଫେରିଆସି ସ୍ୱାମୀଜୀଙ୍କୁ ସବୁକଥା କହିଲେ।**

## ଧୈର୍ଯ୍ୟ ରଖିଲେ ଜ୍ଞାନ ପ୍ରାପ୍ତ ହୋଇଥାଏ



ଥରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନ କହି ସେଠାରୁ ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନ କହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁଁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ । ଏହି ଜ୍ଞାନ ତଥାଗତଙ୍କ ଜୀବନର ଉକ୍ତ ପ୍ରସଙ୍ଗ ପ୍ରଦାନ କରିଥାଏ ।

# ମା' ଗଡ଼ଚଣ୍ଡୀଙ୍କର କାଠିଯାତ୍ରା



ମା'ଙ୍କ ପୂଜା ପାର୍ବଣର ରୂପ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ । ମା'ଙ୍କ ଶକ୍ତି ସ୍ୱରୂପ କାଳେସୀ ଲାଗିବାର ପରମ୍ପରା ଅନେକ ସ୍ଥାନରେ ରହିଛି । ସେମିତି ଏକ ପରମ୍ପରା ଦେଖିବାକୁ ମିଳେ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ଭୀମପୁର ଗ୍ରାମରେ । ପାର୍ବଣ ସମୟରେ ଆୟୋଜିତ ହୋଇଥାଏ ମା' ଗଡ଼ଚଣ୍ଡୀଙ୍କର କାଠି ଯାତ୍ରା । ଗ୍ରାମର ଆରାଧ୍ୟ ଠାକୁରାଣୀ ମା ଗଡ଼ଚଣ୍ଡୀ । ମା'ଙ୍କ ମହିମା ଉପରେ ଆସ୍ଥା ରଖି ଚଳି ଆସୁଛନ୍ତି ଗ୍ରାମବାସୀ । ପ୍ରତ୍ୟକ ହାନି ଲାଭକୁ ସେ ହିଁ ଭରସା । ତେଣୁ ବର୍ଷର ବିଭିନ୍ନ ସମୟରେ ଗାଁରେ ଚାଲିଥାଏ ଅନେକ ପୂଜା ପାର୍ବଣ । ଆଉ ବିଶେଷ କରି ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠି ଠାରୁ ଆଶ୍ୱିନ ମାସ ପ୍ରତିପଦା ପର୍ଯ୍ୟନ୍ତ ଚାଲିଥାଏ ଏହି ପବିତ୍ର ଯାତ୍ରା । ଯାହା କାଠିଯାତ୍ରା ନାମରେ ଲୋକ ମୁଖରେ ବେଶ ପରିଚିତ । ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ଭୀମପୁର ଗ୍ରାମରେ ଦୀର୍ଘ ପାଞ୍ଚ ଶହ ବର୍ଷ ଧରି ପାଳିତ ହୋଇ ଆସୁଅଛି ଏହି ଯାତ୍ରା । ମା'ଙ୍କ ଆବିର୍ଭାବ ହେବା ପରେ ବାଇଶ ହାତ ଉଚ୍ଚତା ବିଶିଷ୍ଟ ଏକ ଶାଳୁଆ କାଠି ଉପରି ଭାଗରେ ଏକ ପିତଳ ଗରାକୁ ରଖାଯାଇ କତା ରଶି ସାହାଯ୍ୟରେ ଭଲ ଭାବରେ ବନ୍ଧା ଯାଇଥାଏ । ଏହା ପରେ ଶାଳୁଆ କାଠର ଉପରି ଭାଗରୁ ଶେଷ ଭାଗ ପର୍ଯ୍ୟନ୍ତ ସମସ୍ତ ଅଂଶକୁ ନୂଆ ଲୁଗା ସାହାଯ୍ୟରେ ଆଚ୍ଛାଦିତ କରାଯାଇଥାଏ । ଠାକୁରାଣୀଙ୍କ ପୂଜାର୍ଚ୍ଚନା ଶେଷ ହେବା ପରେ ଉକ୍ତ ଶାଳୁଆ କାଠକୁ ସେବାୟତମାନେ କାନ୍ଧରେ କାନ୍ଧେଇ ମନ୍ଦିର ଚାରିପାଖରେ ତିନି ଥର ପରିକ୍ରମା କରିଥାନ୍ତି । ଯାତ୍ରା ଆରମ୍ଭର କିଛି ସମୟ ପରେ ଶାଳୁଆ କାଠକୁ ମନ୍ଦିରର ଅଳ୍ପ ଦୂରରେ ଥିବା ବାରବାଟୀ ପଡ଼ିଆକୁ ନିଆଯାଇଥାଏ । ସେଠାରେ ଏହାକୁ ପୋତା ଯାଇଥାଏ । ଉପରି ଭାଗରେ ଏକ ଗରାକୁ ରଖାଯାଇ ତା ଉପରେ ଘିଅକୁ ଲେସା ଯାଇଥାଏ । ଲୋକ ବିଶ୍ୱାସ ଅନୁସାରେ ଅନେକ ମାନସିକଧାରୀ ଆସିଥାନ୍ତି ମା'ଙ୍କର ଏହି ଯାତ୍ରାରେ ସାମିଲ ହେବା ପାଇଁ । ଦେହର ବିଭିନ୍ନ ରୋଗ ବୈରାଗ ଠାରୁ ଆରମ୍ଭ କରି ପରିବାରର ଭଲ ମନ୍ଦ ସବୁ କିଛି ଉପଶମ ପାଇଁ ଆସିଥାନ୍ତି ଏଠାକୁ । ଆଉ ମା'ଙ୍କ ଠାରୁ ଆଶୀର୍ବାଦ ଭିକ୍ଷା ପାଇବା ପରେ ଘରକୁ ଫେରିଥାନ୍ତି । ଖାଲି ଯେ ମାନସିକଧାରୀ ଆସିଥାନ୍ତି ତାହା ନୁହେଁ ଦୂର ଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି ଏହି ଉତ୍ସବରେ ସାମିଲ ହେବା ପାଇଁ । ଏହା ସହିତ ଗ୍ରାମର ବର୍ଷ ତମାମ୍ କିଭଳି ଅସୁବିଧା ନ ହେବ ସେ ସମ୍ପର୍କରେ କାଳେସୀ କହିଥାନ୍ତି । ଚଳିତ ବର୍ଷ ଚାଷବାସ ସମ୍ପର୍କରେ ମଧ୍ୟ ଏହି ଯାତ୍ରାରୁ ଆଭାସ ମିଳିଥାଏ । ବିଜ୍ଞାନର ଅଗ୍ରଗତି ଯେତେ ହେଲେ ମଧ୍ୟ ଏବେ ବି ଗାଁ ଗହଳିରେ ଲେକମାନଙ୍କ ମନରେ ଭରି ରହିଛି ଭଗବତ୍ ବିଶ୍ୱାସ । ଯାହା ସ୍ପଷ୍ଟ ବୟାନ କରେ ଏହି କାଠିଯାତ୍ରାରେ ।



# ମିଳୁନି ବେତକୋଳି କି ଦେଖାଯାଉନି ବେତ ତିଆରି ସାମଗ୍ରୀ



ବାଲିପାଟଣା (ନିପ୍ର): ବେତକୋଳି ହେଉଛି ବଣ ଜଙ୍ଗଲରେ ଦେଖାଯାଉଥିବା ଏକ ଜାଙ୍ଗଲିକ ଗଛ ଲଟା । ଯେଉଁ ଗଛର ମୂଳରୁ ଅଗ ଖାଲି କଣ୍ଟା । କିନ୍ତୁ ଏହି ବେତ ଗଛରେ ଫଳୁଥିବା ବେତକୋଳି ସ୍ୱାଦିଷ୍ଟ ଏବଂ ଏଥିରେ ରହିଛି ଓ୍ୟୁଷଧୀୟ ଗୁଣ । ବଣ ଜଙ୍ଗଲରେ ହେଉଥିବା ଏହି ବେତ ଗଛର କୋଳି ଖାଇବାକୁ ଛୋଟ ଠାରୁ ବଡ଼ ବେତଗଛର ସନ୍ଧାନରେ ଥାନ୍ତି । ଏହାର କୋଳି ସଂଗ୍ରହ କରି ଏହାର ଚୋପା ଛଡେଇ ଖାଇଥାନ୍ତି । ଏହି ବେତ କୋଳି ମଧ ଅନ୍ୟ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଏହି ବେତ ଗଛକୁ କାଟି ଏହା ମଧରେ ଥିବା ବେତକୁ ସଂଗ୍ରହ କରାଯାଏ । ଏହି ବେତରୁ ପ୍ରସ୍ତୁତ ହୁଏ 'ଟୋକେଇ' ବେତା 'ଗଉଣି 'ମାଣ 'ଇତ୍ୟାଦି ଘର କରଣା ସାମଗ୍ରୀ । ଆହୁରି ମଧ ଶିକ୍ଷାନୁଷ୍ଠାନ ହେଉ କି କୋଚିଂ ସେଣ୍ଟର ଶିକ୍ଷକଙ୍କ ପାଖରେ ଥାଏ ବେତ ବାଡ଼ି ଯାହାର ପାହାର ଯେଉଁ ଛାତ୍ର ଦେହରେ ବସିଛି ସେ ଜାଣିଛି । ସମୟର ଗତି ସହିତ ଉଭେଇ ଯାଉଛି ଏହି ସବୁ ଜାଙ୍ଗଲିକ ଜିନିଷ । ଶିକ୍ଷା କ୍ଷେତ୍ରରେ କଟକଣା ଏପରି ସ୍ତରରେ ପହଞ୍ଚିଲାଣି ପିଲାଙ୍କୁ ହାତରେ ଆଘାତ ଦେବା ଆଣ୍ଡେଇ ଦେବା ଦଣ୍ଡନୀୟ ଅପରାଧ ଭାବେ ଗଣା ହେଲାଣି ବେତ ବାଡ଼ିର ଆବଶ୍ୟକତା କେଉଁଠି । ସେହିପରି ଆଗେ ଧାନ ସହିତ ଅନ୍ୟାନ ଜିନିଷର ମାପ ପାଇଁ ଗଉଣି ମାଣ ର ବ୍ୟବହାର ହେଉଥିଲା । ଇଲେକ୍ଟ୍ରୋନିକ ଓଜନ ମାପ ଯନ୍ତ୍ରର ବହୁଳ ବ୍ୟବହାର ଫଳରେ ଆଉ ଦରକାର ହେଉନି ଗଉଣି ମାଣ । ୩୦ ଗଉଣିରେ ଏକ ବସ୍ତା ଆଉ ହିସାବ ହେଉନି କି ଗଉଣି ମାଣରେ ମାପ ହଉନି । ସେହିପରି ଧାନ ମୁଗ ବିରି ପରିବହନ ପାଇଁ ଆବଶ୍ୟକ ପଡୁନି ବେତ ନିର୍ମିତ ବେତା ସବୁ ଅଖାରେ ପରିବହନ ହେଉଛି । ସମୟ ସହିତ ତାଳଦେଇ ବେତ ସାମଗ୍ରୀ ର ଆବଶ୍ୟକତା ନଥିବା ବେଳେ ଆଉ ଶିକ୍ଷକଙ୍କ ହାତରେ ଦେଖାଯାଉନି ବେତବାଡି କି ଦେଖାଯାଉନି ବେତ କୋଳି ।

# ମୁଖ୍ୟ ରାସ୍ତା ଉପରେ ଜମୁଛି ବର୍ଷାପାଣି

## ଡ୍ରେନେଜର ସୁବିଧା ନାହିଁ



କାକଟପୁର(ନିପ୍ର) ପୁରୀ ଜିଲ୍ଲାର କାକଟପୁର , ଅସ୍ତରଙ୍ଗ ଅଞ୍ଚଳ ଏକ ସଂସ୍କୃତି ସଂପର୍କ ତଥା ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ସମଗ୍ର ଜିଲ୍ଲାରେ ବେଶ ଜଣାଶୁଣା । କିନ୍ତୁ ବର୍ଷା ହେଲେ କାକଟପୁର ମୁଖ୍ୟ ରାସ୍ତାର ମେଡିକାଲ ଛକରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ବର୍ଷା ପାଣି ଲହଡି ମାରୁଛି ।ଏମିତିକି ମୁଖ୍ୟ ରାସ୍ତାର କଡରେ ଥିବା ଦୋକାନ ବଜାରକୁ ଯିବାକୁ ହେଲେ ପାଣି କାଦୁଅରେ ପଶି ଯିବାକୁ ପଡୁଛି । ପରିବେଶ ଆବର୍ଜନା ପୂର୍ଣ୍ଣ ଥିବାରୁ ଯେଉଁଠି ପାଦ ପକାଇବ ସେଠି ଆଣ୍ଠୁଏ ବହଳରେ କାଦୁଅ ।ଆଜକୁ ୩ ବର୍ଷ ତଳେ ନୂଆଗଡ଼ରୁ ନିମାପଡା ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ପୁରୀ ପୂର୍ତ୍ତ ବିଭାଗ ଡିଭିଜନ ଅଧିନସ୍ଥ ନିମାପଡା ପୂର୍ତ୍ତ ବିଭାଗ ସବଡ଼ିଭିଜନର କାକଟପୁର ପୂର୍ତ୍ତ ବିଭାଗ ବିଭାଗ ସେକ୍ସନ ପକ୍ଷରୁ ୪୦ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦରେ ରାସ୍ତା ନିର୍ମାଣ ହୋଇଥିଲା । କିନ୍ତୁ ରାସ୍ତାଟି ଏମିତି ବାଗରେ ଓ ଢଙ୍ଗରେ ନିର୍ମାଣ ହୋଇଛି ଯେ ରାସ୍ତା ସାରା କେଉଁଠି ଢିପ ତ ଆଉ କେଉଁଠି ଖାଲ ଥିବାରୁ ବର୍ଷା ଦିନେ ଏକ ଫୁଟରୁ ୨ ଫୁଟ ଉଚ୍ଚରେ ବର୍ଷା ଜଳ ରାସ୍ତାର ବିଭିନ୍ନ ସ୍ଥାନରେ ଜମି ରହୁଛି । ରାସ୍ତାରୁ ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହ ଅଞ୍ଚଳର ବିଭିନ୍ନ ବ୍ୟବସାୟୀ ସଙ୍ଘ ପକ୍ଷରୁ ଡ୍ରେନେଜ ନିର୍ମାଣ କରିବାକୁ ( ବାରମ୍ବାର ) ଦାବୀ ହୋଇଆସୁଥିଲେ ମଧ ପୂର୍ତ୍ତ ବିଭାଗ ଲୋକଙ୍କ ଅଭିଯୋଗ ପ୍ରତି (ଗୁରୁତ୍ୱ) ଦେଉନଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ପୂର୍ତ୍ତ ବିଭାଗର ଏହି ବିପର୍ଯ୍ୟସ୍ତ ରାସ୍ତାକୁ ପ୍ରଶାସନ ଅଧିକାରୀଙ୍କ ଠାରୁ ରାଜନେତା ଦୈନଦିନ ଦେଖୁଥିଲେ ମଧ ଏମାନେ ନିରବ ରହିବା ପଛରେ ରହସ୍ୟ କଣ ତାହାହିଁ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି ।ବିଭାଗୀୟ ମନ୍ତ୍ରୀ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ କାକଟପୁର ମୁଖ୍ୟ ବଜାରର ମେଡିକାଲ ଛକରୁ କଲେଜ ଛକ ଷ୍ଟାଇଲ ବଜାର ପର୍ଯ୍ୟନ୍ତ ରାସ୍ତା ଉପରେ ଜମୁଥିବା ବର୍ଷା ଜଳ ନିଷ୍କାସନ ପାଇଁତୁରନ୍ତ ଡ୍ରେନେଜ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବୀ ହୋଇଛି ।

# କ୍ଷେତ୍ର ଅନୁଭୂତି ଆହରଣ କରି ଫେରିଲେ ଓଏଏସ ଶିକ୍ଷା ନବିଶ

ହିଞ୍ଜିଳିକାଟୁ,(ନିପ୍ର): ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ୮ଜଣ ଓଏଏସ ଶିକ୍ଷାନବିଶ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ରାଳବ ଓ ସାହାପୁର ପଞ୍ଚାୟତରେ ସପ୍ତାହ ଧରି ଅବସ୍ଥାନ କରି କ୍ଷେତ୍ର ଅନୁଭୂତି ଆହରଣ କରି ଶନିବାର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗତ ଅଗଷ୍ଟ ୨୪ ତାରିଖରେ ଓଏଏସ ଅଧିକାରୀଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀ ବ୍ଲକ କାର୍ଯ୍ୟାଳୟ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ଅଙ୍କିତା ସ୍ୱାଇଁ, ଦେବାଶିଷ ଜେନା, ଶୀତଲ ମହାପାତ୍ର ଓ ସନ୍ଦୀପ ସିଂ ପ୍ରମୁଖ ରାଳବ ପଞ୍ଚାୟତରେ ଅବସ୍ଥାନ କରି ସପ୍ତାହ ଧରି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ । ପଞ୍ଚାୟତ ସ୍ତରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତା ଓ ଜନ ସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ସୁପରିଚାଳନା ଓ ଉପଯୋଗୀ ବିଷୟରେ ଅନୁଭୂତି ଆହରଣ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ର ଓ ସରପଞ୍ଚ ରଶ୍ମିତା ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ଓଏଏସ ଅଧିକାରୀ ମାନେ ବିଭିନ୍ନ ପ୍ରକାରର ଉନ୍ନୟନ ପ୍ରକଳ୍ପର ପରିଚାଳନା ଓ ପଞ୍ଚାୟତ ବ୍ୟବସ୍ଥାର ପରିଚାଳନା ବିଷୟରେ ଅନୁଭୂତି ଆହରଣ କରିଥିଲେ । ଗ୍ରାମବାସୀଙ୍କ ସହ ସାମାଜିକ ପରମ୍ପରା,ଉପରେ ଆଲୋଚନା କରି ଶିକ୍ଷା, ପାନୀୟ ଜଳ ଯୋଗାଣ, ଅଙ୍ଗନବାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାର୍ଥି ଙ୍କୁ ଶିକ୍ଷାଦାନ ଆଦି ବିଷୟରେ ଉପଲବ୍ଧି ହାସଲ କରିଥିଲେ ।

# ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ଜଟଣୀ,(ନିପ୍ର):ଜଟଣୀ ପୌର ପରିଷଦ ପକ୍ଷରୁ ରବିବାର ସ୍ୱାୟତ ଶାସନ ଦିବସ ପାଳନ କରାଯାଇଥିଲା । ଏଥିପାଇଁ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ଥଇଥାନ ପାଇଁ ହେବାକୁ ଥିବା ଦୋକାନ ଗୃହର ଭିତିପ୍ରସ୍ତର ସ୍ଥାପନ, ସଂପୂର୍ଣ୍ଣ ହୋଇଥିବା ଖଳିପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଉଦ୍‌ଘାଟନ ଆଦି ହୋଇଥିଲା । ସକାଳେ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଜାତୀୟ ପତାକା ଉତୋଳନ କରାଯାଇଥିଲା । ଆୟୋଜିତ ପ୍ରତିଯୋଗିତାରେ କୃତି ବିଦ୍ୟାର୍ଥୀ, ଓ କେତେକ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ସହିତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳବଂଟନ କରାଯାଇଥିଲା । ସ୍ଥାନୀୟ



ଉତରାୟଣୀ କ୍ଲବ ପରିସରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ୱାୟତ ଶାସନ ଦିବସ ସମାରୋହର ସିଧା ପ୍ରସାରଣ କାର୍ଯ୍ୟକ୍ରମ କରାଯାଇଥିଲା । ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୌରାଧକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, କାଉନସିଲର, କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ମହିଳା ଗୋଷ୍ଠୀ ଉପସ୍ଥିତ ରହିଥିଲେ ।




ଭୁବନେଶ୍ୱର: ପ୍ରଦର୍ଶନୀ ପଡିଆ ଠାରେ ଆୟୋଜିତ କଟନଫାବ-୨୦୨୫ ରବିବାର ଲଟେରୀରେ ଜିତିଛନ୍ତି ସିଦ୍ଧାର୍ଥ ସାମନ୍ତରାୟ, ଗାୟତ୍ରୀ ସିଂହ, ଓ ଶୁଭଶ୍ରୀ ସ୍ୱାଗତିକା ମହାନ୍ତି । ସେମାନେ ସେକ୍ରେଟାରୀ ଜାଭେଦ ଆଲାମଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

# ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ନେଇ ଥାନାରେ ଅଭିଯୋଗ

ଭାପୁର,(ନିପ୍ର) ଫତେଗଡ ଥାନା ଅନ୍ତର୍ଗତ ବାଉଁଶବାଟି ପଞ୍ଚାୟତ କଇଁଥପୋଖରୀ ଗ୍ରାମର ଜନୈକଙ୍କ ୨୮ବର୍ଷୀୟ ପତ୍ନୀ ଗତ ଶନିବାର ବିଳମ୍ବିତ ରାତ୍ରୀରେ ତାଙ୍କର ବାଡିପଟ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ ।
ସେ ପୋଖରୀରୁ ଗାଧୋଇ ଆସିବାବେଳେ ସେହି ଗ୍ରାମର ମଧୁ ଡ଼ାଳୁଆଙ୍କ ପୁଅ ସିଲୁ ଡ଼ାଳୁଆ ସେଠାରେ ପହଞ୍ଚି ମହିଳାଙ୍କ ପ୍ରତି ଦୁଷ୍କର୍ମ ଉଦ୍ୟମ କରିଥିଲେ । ଏହି କାର୍ଯ୍ୟକୁ ମହିଳା ଜଣଙ୍କ ବିରୋଧ କରି ଚିତ୍କାର କରିବା ଫଳରେ ସ୍ୱାମୀ ଘଟଣାସ୍ଥଳରେ ପହଂଚିଥିଲେ । ମହିଳାଙ୍କ ସ୍ୱାମୀଙ୍କୁ ଦେଖି ପାଖରେ ପଡିଥିବା ଏକ କାଠ ଫାଳିଆରେ ଶିଲୁ ଉଭୟକୁ ଆକ୍ରମଣ କରି ଘରକୁ ଫେରି ଆସିଥିଲା । ପରେ ଦୁଇ ଭାଇ ସିଲୁ ଏବଂ ମିଲୁ ଉଭୟେ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ଧମକ ଦେଇଥିଲେ । ଦୁଷ୍କର୍ମ ଉଦ୍ୟମରେ ଶିକାର ହୋଇଥିବା ମହିଳା ଜଣଙ୍କ ଘଟଣା ନେଇ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଗାନ୍ଧିଜୀ ସର୍ବଦା ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିଲେ

**ପୁରୀ,(ନିପ୍ର):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୁରୀ ପୌରପାଳିକା କାର୍ଯ୍ୟାଳୟ ଠାରେ ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ



ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, କ୍ରୀଡା ଛାତ୍ରାବାସର ଅନ୍ତେବାସୀ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

**ଆଠଗଡ:** ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସର୍ବଭାରତୀୟ ସ୍ୱାୟତ୍ତଶାସନ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପରିପ୍ରେକ୍ଷୀରେ ପ୍ରଭାତରୁ ଏନଏସିର ସମସ୍ତ ୱାର୍ଡମାନଙ୍କରେ ରାମଧୁନ ପରିବେଷଣ କରାଯାଇଥଲା ।




ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧକ୍ଷା ସସ୍ମିତା ରାଉତ,ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଓ ସହକାରୀ ଯନ୍ତ୍ରୀ ଆଦିତ୍ୟ କୁମାର ମିଶ୍ର ଓ କାଉନସିଲରମାନଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଉପାଧକ୍ଷ ଶୁଭ୍ର ଶଙ୍କର ଜ୍ୟୋତି ସ୍ୱାଗତ ଭାଷଣ ଧନ୍ୟବାଦ ଅର୍ପଣ କରିଥିଲେ ।ବରିଷ୍ଠ ସହାୟକ ନିରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

**ଛତ୍ରପୁର:** ଗଞ୍ଜାମ ଜ଼ିଲ୍ଲା ଛତ୍ରପୁର ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ସୁବାଶିଷ ବରାଳ ଯୋଗଦେଇଥିଲେ । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ବିବରଣୀ ପାଠ କରିଥିଲେ । ବିଭିନ୍ନ ବର୍ଗର ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ।

**ଆସିକା :** ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଆସିକାକୁ ମୁନିସିପାଲଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ୨କୋଟି ଟଙ୍କାର ଚେକ ଗ୍ରହଣ କରିଛନ୍ତି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ବିନେତା ସ୍ୱାଇଁ । ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ପାଳିତ ହୋଇଯାଇଛି ।

ଅତିଥିମାନଙ୍କ ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ସୁନୀଲ କୁମାର କେରକେଟା,ବିଜେଡି ନଗର ସଭାପତି ସତ୍ୟ ନାରାୟଣ ସ୍ୱାଇଁ, ଉପଧକ୍ଷା ଜୟନ୍ତୀ ବିଶୋୟୀ, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର,



କାଉନସିଲର ବିଜୟ ଲକ୍ଷ୍ମୀ ବେହେରା,ନିରଞ୍ଜନ ଜେନା,ନୀଳିମା ପାତ୍ର,ମମତା ପାତ୍ର, ରୀନା ବେହେରା,ମଦନ ମୋହନ ନାୟକ,ବାସନ୍ତୀ ପାତ୍ର,ବନ୍ଦିତା ପ୍ରଧାନ, ଭାସ୍କର ବେହେରା, ରାଘବ ସିଅ,ସଂଯୁକ୍ତା ଶତପଥୀ, ସୁଜାତା ପରିଡା ସମେତ ଅଫିସ ର ଅଜିତ ପଟନାୟକ, ମାନସୀ ରାଣୀ ସାହୁ, ଦୀପ୍ତି ରାଣୀ ସାହୁ, ପୂର୍ବତନ ଉପକ୍ଷଧକ୍ଷା ରେଣୁବାଳା ରେଡି ପ୍ରମୁଖ ଉପସ୍ଥିତ ଥିଲେ । ସହରକୁ ସରସ ସୁନ୍ଦର ନିମନ୍ତେ ଜନ ସାଧାରଣ ସହଯୋଗ ରହିଲେ ପୁଣି ଆସ୍କା ଏନ ଏ ସି ଦେଶରେ ଏବଂ ରାଜ୍ୟରେ ଶ୍ରେଷ୍ଠ ହେବ ବୋଲି ବହୁ ବକ୍ତା ମତ ରଖିଥିଲେ ।

**ବ୍ରହ୍ମପୁର:** ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ଓ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଓଡ଼ିଶା ଗଠନ କରିବାରେ ଗଞ୍ଜାମ ମାଟିର ବରପୁତ୍ର ମାନଙ୍କ ଅବଦାନ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲାର ୫ ଟି ଏନଏସିକୁ ମ୍ୟୁନସିପାଲିଟି ଘୋଷଣା କରିଛନ୍ତି ବୋଲି ସେ କହିଛନ୍ତି । ଏହି ଅବସରରେ ସମସ୍ତ କର୍ପୋରେଟରଙ୍କ ସମେତ ପ୍ରଫେସର ବିଷ୍ଣୁ ଚରଣ ଚୌ ।ଧୁରୀ, ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ବ୍ରହ୍ମପୁର ସଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଡ଼ ନିହାର ରଞ୍ଜନ ସାହୁ,ଡ଼ ସୁଚନା ପାଢ଼ୀ ,ଶକ୍ତି ସୁନ୍ଦରଡ଼ ବିଦ୍ୟୁତପ୍ରଭା ରଥ,ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ,ପୂର୍ବତନ



କାରିଗିଲ ସୈନିକ ଚିତ୍ର ସେନ ବାରିକ ଓ ସୁକାନ୍ତି ପାତ୍ର କ୍ରିଡାବିତଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ମେୟର ସଂଘମିତ୍ରା ଦଳେଇ , ଡେପୁଟି ମେୟର ଇ ବିବେକ ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାରଙ୍କ ସମେତ ସମସ୍ତ କର୍ପୋରେଟର ମଞ୍ଚାସୀନ ଥିଲେ ।

**ହିଞ୍ଜିଳିକାଟୁ:** ପୌର ପରିଷଦ,ହିଞ୍ଜିଳିକାଟୁ ପକ୍ଷରୁ ରବିବାର ପାଳିତ ହୋଇଛି ଅଖିଳ ଭାରତ ସ୍ୱାୟତ ଶାସନ ଦିବସ ଉତ୍ସବ । ପୌରାଧକ୍ଷ ସୁବାସ ଚନ୍ଦ୍ର ପୋଲେଇ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁନିଲ କୁମାର କାରକେଟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଉପାଧକ୍ଷା ସୁଚିତ୍ରା ପଣ୍ଡା, ପୌର ପ୍ରତିନିଧି ପ୍ୟାରୀମୋହନ ପାଢି, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ, ବିଡିଓ ସାଗରୀକା ଷଡଙ୍ଗୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଅତିରିକ୍ତ ତହସିଲଦାର ସୁରଜ୍ କୁମାର ନାୟକ ବେହେରା ଓ ନିଳମଣି ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବରୁ ଆୟୋଜିତ ବକ୍ତୃତା, ସଙ୍ଗୀତ, ରଚନା, ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶଙ୍କୁ ପୌର ପରିଷଦର ଶ୍ରେଷ୍ଠ କର୍ମଚାରୀ ଭାବେ ପୁରସ୍କୃତ କରାଯାଇଥିଲା ।

# ସହରମୁହାଁ ହାତୀପଲ

ଚମ୍ପୁଆ,(ନିପ୍ର): ଚମ୍ପୁଆ ବନାଂଚଳରେ ବର୍ଷ ସାରା ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ହାତୀ ପଲ ଦ୍ୱାରା ଘରଦ୍ୱାର ଓ ଜନଜୀବନ କ୍ଷୟକ୍ଷତି ଘଟିଚାଲିଛି । ଏହି ହାତୀ ପଲଙ୍କ ଉପଦ୍ରବରେ ଚମ୍ପୁଆ ବନାଂଚଳ ଅଧୀନରେ ଥିବା ୬ ଗୋଟି ସେକ୍ସନରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ଗୋଠ ଖଣ୍ଡିଆ ହାତୀ ପାଇଁ ଗ୍ରାମବାସୀଙ୍କୁ ରାତି ଅନିଦ୍ରା ହେବା ପାଇଁ ପଡୁଛି । ପୂର୍ବରୁ ଧାନ କ୍ଷେତକୁ ଜଗୁ ଥିବା ଲୋକ ବର୍ତ୍ତମାନ ଧାନ ଚିନ୍ତା ଛାଡି ଗୋଠ ଖଣ୍ଡିଆ ହାତୀ ପାଇଁ ନିଜ ଘରର ସୁରକ୍ଷା ଚିନ୍ତା କରୁଛନ୍ତି । ପୂର୍ବରୁ ଗ୍ରାମାଂଚଳରେ ଉପଦ୍ରବ



ଚଳାଇଥିବା ହାତୀ ପଲ ରୁ ୨ ଗୋଟି ହାତୀ ଗତ କାଲି ରାତି ୯ ଘଟିକା ପରେ ଚମ୍ପୁଆ ସହରକୁ ଧସେଇ ପଶି ଥିଲେ । ଏହି ହାତୀ ୧୧ ନମ୍ବର ୱାର୍ଡ ଓ ସହର ନିକଟରେ ନିକଲସନ ବନ ବିଦ୍ୟାଳୟ ନିକଟରେ ପହଁଚିଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା । ବନ ବିଭାଗ ହାତୀଦ୍ୱୟକୁ ସହରରୁ ଜଙ୍ଗଲକୁ ଘଉଡାଇବା ପାଇଁ ଅକ୍ଲାନ୍ତ ଚେଷ୍ଟା ଆରମ୍ଭ କରି ଶେଷରେ ରାତି ୪ ଘଟିକା ଭିତରେ ହାତୀଗୁଡିକୁ ଘଉଡାଇବାରେ ସଫଳ ହୋଇଥିଲେ ବୋଲି ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ଦୁଇ ଗୋଟି ହାତୀକୁ ଭୋରରେ ଲୋକେ ଦେଖିଥିବା ସୂଚନା ଦେଇଛନ୍ତି ।

# ଅସ୍ତରଙ୍ଗର ଧାନ, ପାନ ଓ ମୀନ ଚାଷୀଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ

କାକଟପୁର,(ନିପ୍ର): ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି କାକଟପୁର ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ସ୍ଥାୟୀ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ରାମକୃଷ୍ଣ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ,ପୂର୍ବତନ ସମ୍ପାଦକ ନିରୋଦ ବରଣ ମହାନ୍ତି , ଚିତ୍ତରଞ୍ଜନ କର,ବିକ୍ରମ କୁମାର ଜୟସିଂହ, ଶିକ୍ଷାବିତ ବୈଦନାଥ ମହାନ୍ତି, ଶିକ୍ଷାବିତ ପ୍ରମୋଦ ନାୟକ,କାର୍ଯ୍ୟକାରିଣୀ କମିଟିର ସଭ୍ୟ ଅଶୋକ କୁମାର ଶତପଥିଙ୍କ ସମେତ ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ଭବିଷ୍ୟତ ରୂପରେଖ ଉପରେ ଖସଡ଼ା ପ୍ରସ୍ତୁତ କରିଥିଲେ । ବୈଠକର ଦ୍ୱିତୀୟାର୍ଦ୍ଧରେ କୃଷି ଓ




କୃଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ କୃଷିଭିତ୍ତିକ କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀକୁ ସୁନାବ୍ୟା କରି ଜଳସେଚନ ସୁବିଧା, କୃଷକ ମାନଙ୍କ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା । ଶେଷରେ କାକଟପୁରର ସମସ୍ୟା ଓ ଏନ୍‌ଏସି ମାନ୍ୟତା ପାଇଁ କାକଟପୁରର ଜନସାଧାରଣଙ୍କ ଦାବି ନେଇ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଂକ କାକଟପୁର ନିର୍ବାଚନ ମଣ୍ଡଳୀ ପ୍ରତି ଅନ୍ୟାୟ କରାଯାଇ ସାଧାରଣ ଜନତାଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ସହିତ ବିଶେଷ କରି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ଧାନ, ପାନ ଓ ମୀନ ଚାଷୀଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବା ପାଇଁ ସଭାପତି ଶ୍ରୀ ପଟ୍ଟନାୟକ ଦାବି ଉପସ୍ଥାପନା କରିଥିଲେ । ଏହି ସାମ୍ବାଦିକ ସମିଳନୀରେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ ସହିତ ଅନ୍ୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ଯାଜପୁର ଗସ୍ତ

ଯାଜପୁର,(ନିପ୍ର): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ର ଅଧକ୍ଷା ବବିତା ପାତ୍ର ଏବଂ ସଦସ୍ୟା ବୃନ୍ଦ ଚନ୍ଦନା ଦାସ, କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଯାଜପୁର ଜିଲ୍ଲା ଗସ୍ତରେ ଆସିଥିଲେ । ଏହି ପରିପ୍ରେକ୍ଷୀରେ ଅଧକ୍ଷା ଜିଲ୍ଲାର ଦାନଗଦି ସ୍ଥିତ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ ଅନ୍ନପୂର୍ଣ୍ଣା ଶିଶୁ ଗୃହ ପରିଦର୍ଶନ କରିବା ସହ ସଂସାଇଲୋ ଠାରେ ଟାଟା ଷ୍ଟିଲ ଫାଉଣ୍ଡେସନର ସାଥିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେଲେ ବାଲ୍ୟ ବିବାହ ରୋକିବା ସହ ସ୍କୁଲରୁ ପାଠ ଛାଡୁଥିବା ଝିଅମାନଙ୍କୁ ପୁନଃ ସ୍କୁଲରେ ନାମ ଲେଖାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକତା ରହିଛି । ଟାଟା ଷ୍ଟିଲର ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ପ୍ରଶଂସା କରିଥିଲେ । ବାଲ୍ୟ ବିବାହ ପ୍ରଥାକୁ ରୋକିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଯୁବ ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରିଥିଲେ । ପରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡା ସ୍ଥିତ ଆମ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବୁଲି ଦେଖିବା ସହ ସେଠାକାର ଅଧିବାସୀମାନଙ୍କ ସହ ଆଲୋଚନା କରିଥିଲେ । ଏହା ସହ ଚୁଙ୍ଗୁଡ଼ିପାଳ ସ୍ଥିତ ଆଶ୍ରମ ବିଦ୍ୟାଳୟ, ଛାତ୍ରୀ ନିବାସ ଆଦି ଗସ୍ତ କରି ସମସ୍ତ ସ୍ଥିତିର ସମୀକ୍ଷା କରିଥିଲେ ।

# ଶରୀର ଓ ମନକୁ ସୁସ୍ଥ ରଖିବା ପାଇଁ ଦୈନିକ ଏକ ଘଣ୍ଟା ଖେଳକୁଦ ଆବଶ୍ୟକ

ଭଦ୍ରକ,(ନିପ୍ର): ଜାତୀୟ କ୍ରୀଡା ଦିବସର ଉଦଯାପନୀ ଉତ୍ସବରେ ସକାଳେ ଏକ ସାଇକେଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସମୟରେ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ଓ ଏସ ଡି ରମେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ । ଏଥିରେ ସାଂସଦ ଅଭିମନ୍ୟୁ ସେଠୀ,ବିଧାୟକ ଶିତାଂଶୁ ଶେଖର ମହାପାତ୍ର,ଜିଲ୍ଲାପାଳ ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ଓ ଏସ ଡି ରମେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ । ଆଜିର ବ୍ୟସ୍ତ ବହୁଳ ଜୀବନରେ ଶରୀର ଓ ମନକୁ ସୁସ୍ଥ ରଖିବା ପାଇଁ ଦୈନିକ ଏକ ଘଣ୍ଟା ଖେଳକୁଦରେ ବିତାଇବା ନିତ୍ୟାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ ।

ତିଥି : (ଦଶମୀ) : (ମୂଳା ଧନୁ)
ଅମୃତବେଳା: ଦିବା ଘ୭।୫୮ ଗତେ ଘ ୧୦।୨୨ ମଧ୍ୟେ

## ଆଜିର ଅନୁଚିନ୍ତନ

ପ୍ରତ୍ୟେକଙ୍କ ପ୍ରତି ସଦୟ ହୁଅ ଯେଉଁମାନଙ୍କୁ ତୁମେ ଭେଟୁଛ,ଏହା ସର୍ବଦା ଅବଶ୍ୟ କଠିନ ଯୁଦ୍ଧ।-ପ୍ଲାଟୋ

# କୂଟନୈତିକ ବିଜୟ

ଭାରତ-ଚୀନ ମଧ୍ୟରେ ପାରସ୍ପରିକ ଆସ୍ଥା ଓ ବିଶ୍ୱାସ ସ୍ଥାପନ, ଦୁଇ ଦେଶର ସାଧାରଣ ସ୍ୱାର୍ଥରକ୍ଷା ପ୍ରତି ଗୁରୁତ୍ୱ, ଦ୍ୱିପାକ୍ଷିକ ବାଣିଜ୍ୟିକ ବୃଦ୍ଧି ଓ ଅର୍ଥନୈତିକ ସହଯୋଗ ପ୍ରତିଷ୍ଠା ଉପରେ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗ ଭାରତକୁ ଦେଇଥିବା ୪ସୂତ୍ରୀ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ରହଣ କରିନେଇଛନ୍ତି। ୨୦୨୦ ଗଲୱାନ ଉପତ୍ୟକା ଘଟଣା ପରଠାରୁ ଯେଉଁ କ୍ଷତ ସୃଷ୍ଟି ହୋଇଥିଲା ଏସବୁ ପ୍ରସ୍ତାବ ମଲମ ସଦୃଶ ହୋଇଛି। ପ୍ରସ୍ତାବଗୁଡ଼ିକ ସମର୍ଥନ କରିବା ଭାରତ ପକ୍ଷେ ଏକ ବଡ଼ କୂଟନୈତିକ ସଫଳତା।

ପ୍ରତିଦ୍ୱନ୍ଦ୍ୱୀ ହେବା ଓ ସହଯୋଗୀ ହେବା ଦୁଇ ଭିନ୍ନ ବିପରୀତ ଦିଗ। ପରିବର୍ତ୍ତିତ ପ୍ରେକ୍ଷାପଟରେ ସହଯୋଗୀ ରାଷ୍ଟ୍ର ହେବା ହେଉଛି ସକାରାତ୍ମକ ଦିଗ। ତିୟାନଜିନଠାରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଅବସରରେ ଭାରତ-ଚୀନ ନିରପେକ୍ଷ ତଥା ପାରସ୍ପରିକ ଗ୍ରହଣୀୟ ଦିଗଗୁଡ଼ିକ ଉପରେ ଧ୍ୟାନ ଦେବା ବର୍ତ୍ତମାନ ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଚାପ ପରିପ୍ରେକ୍ଷୀରେ ବହୁ ଗୁରୁତ୍ୱ ବହନ କରୁଛି। 'ଆମେରିକା ଫାଷ୍ଟ' ନୀତିକୁ ଟ୍ରମ୍ପ ଗୁରୁତ୍ୱ ଦେବା ବେଳେ ଭାରତର ଅର୍ଥନୈତିକ କ୍ଷେତ୍ର ପଛେଇ ଯାଇନାହିଁ। ଖୁବ୍ ଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବେ ଉଭା ହେବା ସମ୍ଭାବନା ଆମେରିକା ପକ୍ଷେ ଯେତେ ଦୂର ସମ୍ଭବ ଅସହ୍ୟବୋଧ ହୋଇଛି। ଅର୍ଥନୀତିରେ ସୁଧାର ଭାରତର ଜିଡିପି ଅଭିବୃଦ୍ଧି ହାର ଦର୍ଶାଇଦିଏ। ଗତ ଆର୍ଥିକ ବର୍ଷ ଚତୁର୍ଥ ତ୍ରୟମାସିକରେ ଏହା ୭.୪ ପ୍ରତିଶତ ଥିଲା। ଏବେ ୭.୮ ପ୍ରତିଶତକୁ ବୃଦ୍ଧି ପାଇବା ଏକ ଶୁଭ ସଂକେତ। ଏଭଳି ସ୍ଥିତିରେ ଚୀନ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ନିବେଶ ବୁଝାମଣା ବାଣିଜ୍ୟିକ ନିଅଣ୍ଟ ମେଣ୍ଟାଇବାରେ ଆଶା ସଂଚାରିତ ହୋଇଛି। ଅପରପେକ୍ଷ ଏହା ଟ୍ରମ୍ପଙ୍କ ବାଣିଜ୍ୟିକ ଦାଦାଗିରି ପ୍ରତି ଶକ୍ତ ଧକ୍କା ହେବା ପଥକୁ ପରିଷ୍କାର କରିଦେଇଛି।

ଏସ୍‌ସିଓ ଶିଖର ସମ୍ମିଳନୀରେ ମିଳିତ ଘୋଷଣାନାମା ଜାରି ବେଳେ ପହଲଗାମ୍ ଆତଙ୍କବାଦୀ ଘଟଣାକୁ ନିନ୍ଦା ପ୍ରତି ଅନ୍ୟ ରାଷ୍ଟ୍ରମାନଙ୍କ ସମର୍ଥନ ପାକିସ୍ତାନ ବିରୋଧରେ ଭାରତର କୁଟନୈତିକ ବିଜୟକୁ ସୂଚିତ କରିଛି। ବିଶ୍ୱଶାନ୍ତି ତଥା ସ୍ଥିରତା ପାଇଁ ଆତଙ୍କବାଦ ବିରୋଧରେ ଲଢେଇ ଲାଗି ମୋଦିଙ୍କ ଚିନ୍ତାଧାରା ଥିବା ବେଳେ କିଛି ରାଷ୍ଟ୍ର ଆତଙ୍କବାଦକୁ ସମର୍ଥନ କରିବା ଦ୍ୱାରା ଏ ଲଢେଇ ବ୍ୟାହତ ହେଉଛି। ଆତଙ୍କବାଦକୁ ସମର୍ଥନ କରୁଥିବା ରାଷ୍ଟ୍ରମାନଙ୍କ ନାମ ନ ନେଇ ସେମାନଙ୍କ ପ୍ରତି ନିଶାଣ ଆତଙ୍କବାଦ ବିରୋଧରେ ଏକଜୁଟ ହେବାର ଏକ ଶକ୍ତ ଆହ୍ୱାନ ରଖେ ଅବଶ୍ୟ।

ଟ୍ରମ୍ପଙ୍କ ଭାରତ ପ୍ରତି ବାଣିଜ୍ୟିକ ଟାରିଫ୍ ଚାପ ରଖି ଚୁପ୍ ହୋଇ ବସିନାହାନ୍ତି। ଅଧିକନ୍ତୁ ବହୁ ୟୁରୋପୀୟ ରାଷ୍ଟ୍ରଙ୍କୁ ଭାରତ ବିରୋଧରେ ଉସୁକାଇବା ତାଙ୍କ ପକ୍ଷେ ଏକ ଅର୍ଥନୈତିକ ଆତଙ୍କବାଦ କହିଲେ କିଛି ଭୁଲ୍ ହେବନାହିଁ। ଏସସିଓ ଶିଖର ସମ୍ମିଳନୀରେ ରୁଷ, ଭାରତ-ଚୀନ ଏ ତିନି ମହାଶକ୍ତି ଏକାଠି ହେବା ଓ ରୁଷ୍ ରାଷ୍ଟ୍ରପତି ପୁଟିନ, ମୋଦିଙ୍କୁ ଏହି ଅବସରରେ ଆଲିଙ୍ଗନ କରିବା ଦର୍ଶାଇଛି ଯେ ଭାରତର ରଣକୌଶଳ ଆଧାରିତ କୂଟନୀତି କେତେ ଶକ୍ତିଶାଳୀ। ଏହା ନିଶ୍ଚିତ ଭାବରେ ଟ୍ରମ୍ପଙ୍କୁ ଆଘାତ ପହଞ୍ଚାଇବ। ଏପରିକି ସେ ତାଙ୍କ ନିଜ ରାଷ୍ଟ୍ରରେ ବହୁଳ ଭାବରେ ସମର୍ଥନ ହରାଇବାର ଆଶଙ୍କା ଉପୁଜିବ, ସେ ସମୟ ଆଗକୁ ଏକ ପ୍ରକାର ସ୍ପଷ୍ଟ। ମୋଟ ଉପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତଙ୍କବାଦ ବିରୋଧରେ ସର୍ବପ୍ରାଥମିକତା ସମଗ୍ର ବିଶ୍ୱ ପାଇଁ ଏକ ସଶକ୍ତ ଆହ୍ୱାନ। ଏପରି ଦୃଷ୍ଟିଭଙ୍ଗୀ କ୍ଷତବିକ୍ଷତ ମାନବତାର ପୁନଃ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଏହା ହିଁ ସ୍ପଷ୍ଟ ଦୃଶ୍ୟମାନ।

# ଉତ୍ତମ ଜୀବନ ପାଇଁ ଠିକ୍ ଖାଆନ୍ତୁ

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

> **ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷାଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେବାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ।**

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତା ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଚଳିତ ବର୍ଷର ଏହି ଜାତୀୟସ୍ତରର ପୁଷ୍ଟି ସପ୍ତାହ ଅବସର ପାଇଁ ସ୍ଲୋଗାନ ରହିଛି 'ଉତ୍ତମ ଜୀବନ ପାଇଁ ଠିକ୍ ଖାଆନ୍ତୁ'। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣହେଳା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ସେ ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟପାଇଁ ଏକ ଦିବ୍ୟ ସଞ୍ଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁପାଇଁ ଏହା ଏକ ପ୍ରକାର ଈଶ୍ୱରପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏଁ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷାଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ।



ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା: ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ,ବିଟ୍ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତିମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍‌ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁପାଇଁ ସଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଗୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ।

ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

ଫକୀରମୋହନ ମେଡ଼ିକାଲ କଲେଜ,
ବାଲେଶ୍ୱର

# ଉଚ୍ଚାଭିଳାଷ ଓ ସ୍ୱପ୍ନ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନୀଷୀ ଓ ଦାର୍ଶନିକମାନେ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୂରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ୍ଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ।

ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବିଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି । ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ।

ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି।

କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦ୍‌ବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ ତା ଭିତରେ ଉଙ୍କି ମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରି ଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିକ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ୍ ପ୍ରେରଣାଦାୟକ।ତାଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

# ସମ୍ବାଦପତ୍ର ବିକ୍ରେତାଙ୍କ ମନର କୋହ

**ବିଷ୍ଣୁ ପ୍ରସାଦ ଦାସ**

> **ବର୍ତ୍ତମାନ ଯୁଗରେ ଅନେକ ଖବର କାଗଜ ଆଧୁନିକ ଟେକ୍ନୋଲୋଜିକୁ ବ୍ୟବହାର କରୁଛନ୍ତି । ଅନେକ ଇ-ପେପର ପ୍ରକାଶ ପାଉଛି । ଇ-ପେପର ଗୁଡିକ ଯଦି ଦିନ ୧୦ଟା ପରେ ପ୍ରକାଶ ପାଆନ୍ତା ତେବେ ଗ୍ରାହକ ବାଧ ହୋଇ ଖବର କାଗଜ କିଣି ନିଅନ୍ତେ । ବର୍ତ୍ତମାନ ଗ୍ରାହକ ସଂଖ୍ୟା କମି କମି ଯାଉଛି , ଯେଉଁ ବିକ୍ରେତା ୫୦୦ ଖଣ୍ଡ କାଗଜ ବିତରଣ କରୁଥିଲେ ସେ ଆଜି ୨୦୦/୨୫୦ ଖଣ୍ଡ ବିତରଣ କରୁଛନ୍ତି । କିଛି ଇ-ପେପର ପାଇଁ ଗ୍ରାହକ ଦେୟ ଦେଉଥିବା ସମୟରେ କିଛି ଦେୟମୁକ୍ତ ଇଣ୍ଟରନେଟରୁ ମିଳି ଯାଉଛି । ସମୟ ସହିତ ତାଳ ଦେଇ ପ୍ରଯୁକ୍ତି ବିଦ୍ୟା ନିଜର ସ୍ଥାନ ଅଧିକାର କରି ଚାଲିଛି କିନ୍ତୁ ପୁରୁଣା କାଳରୁ ଜୀବନ ଜୀବିକା ନେଇ ବଞ୍ଚୁଥିବା କିଛି ବିତରକ ଭାଇ ଭଉଣୀ ଦିନକୁ ଦିନ ହତାଶ ହେଉଛନ୍ତି । ଇ-ପେପର ପ୍ରଚଳନ ଜନିତ କ୍ଷତି ସହୁଥିବା କିଛି ସ୍ଥାନୀୟ ବିକ୍ରେତାଙ୍କୁ ଯଦି ସମ୍ବାଦପତ୍ର ସଂସ୍ଥା କିଛି ବୋନସ୍ ବ୍ୟବସ୍ଥା କରନ୍ତେ ତେବେ କିଛିଟା ଉପକାର ହୁଅନ୍ତା ।**

ବର୍ଷ ସାରା ନିରବଚ୍ଛିନ୍ନ ଭାବେ ସମାଜକୁ ସେବା ଯୋଗାଇ ଦେଇ ଆସୁଥିବା ଅନେକ କର୍ତ୍ତବ୍ୟ ପରାୟଣ ମନୁଷ୍ୟ ଆଜି ମଧ୍ୟ ଲୋକ ଲୋଚନକୁ ଆସି ନାହାନ୍ତି କିମ୍ବା କିଛି ସ୍ଥାନରେ ସେମାନେ ଅବହେଳିତ, ନିଷ୍ପେସିତ ହୋଇ ରହି ଆସିଛନ୍ତି। ସେମାନଙ୍କ ପାଇଁ କେତେ ଜଣ ହୃଦୟରୁ ଚିନ୍ତା କରିଛନ୍ତି ? ଅତ୍ୟାବଶ୍ୟକ ସେବା ଯୋଗାଉଥିବା ସମ୍ବାଦପତ୍ର ବିକ୍ରେତା ତଥା ବିତରକ ଭାଇ /ଭଉଣୀମାନଙ୍କ ଜୀବନ ଜୀବିକା ବିଷୟରେ କିଛି ଆଲୋକପାତ କରିବାକୁ ଏହି ଲେଖକଙ୍କୁ କିଛି ବିତରଣ କରୁଥିବା ବ୍ୟକ୍ତି ଅନୁରୋଧ କରିଛନ୍ତି । ସେମାନଙ୍କ ଦୈନନ୍ଦିନ ଜୀବନର କାର୍ଯ୍ୟଧାରା, ସୁବିଧା ଅସୁବିଧା, ସାମାଜିକ ଦାୟିତ୍ୱ ତଥା ସରକାର / ସମ୍ବାଦପତ୍ର ସଂସ୍ଥାମାନଙ୍କ ଦ୍ୱାରା ତାଙ୍କ ପ୍ରତି ହେଉଥିବା ଅବିଚାର ବିଷୟରେ କିଛି ତଥ୍ୟ ଦେବାକୁ ଚେଷ୍ଟା କରିଛି ।

ପୂର୍ବ ଆକାଶରେ ସୂର୍ଯ୍ୟ ଉଦୟ ହୁଅନ୍ତୁ କି ନ ହୁଅନ୍ତୁ ସେଥିରେ କିଛି ଫରକ୍ ପଡେନାହିଁ । ଖରା, ବର୍ଷା, ଶୀତ କାକର, ଦୈବୀ ଦୁର୍ବିପାକ ସମୟରେ ଖବରକାଗଜ ଧରି ଘର ଘର ବୁଲି ଯେଉଁ ବ୍ୟକ୍ତିମାନେ ଆପଣଙ୍କୁ ଚା' କପ୍ ସହିତ ଦେଶ ଦୁନିଆର ଖବର ପଢ଼ିବାର ସୁଯୋଗ ଆଣି ଦେଇ ଥା'ନ୍ତି ସେମାନେ କିଏ ? ଆମେ କ'ଣ କେବେ ସେମାନଙ୍କ କଥା ଚିନ୍ତା କରିବାକୁ ସମୟ ପାଉ ? କେବଳ ଟିକେ ଡେରି ହୋଇଗଲେ ସେମାନଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଚାଲିଥାଉ କାହିଁକି ଡେରି ହେଲା ? ଭାଇ ! ସେମାନେ ବି ମଣିଷ, ତାଙ୍କୁ ଟିକେ ମଣିଷ ପରି ଦେଖିବା ଉଚିତ।



ଓଡ଼ିଶା ପ୍ରଦେଶରୁ ପ୍ରତିଦିନ ପ୍ରାୟ ୭୦ ରୁ ଅଧିକ ସମ୍ବାଦ ପତ୍ର ପ୍ରକାଶ ପାଇ ଥାଏ । ତାହା ଛଡା ଓଡିଶା ବାହାରୁ ଆସୁଥିବା ହିନ୍ଦୀ , ଇଂରାଜୀ , ବଙ୍ଗଳା, ଗୁଜରାଟି ତଥା ଅନ୍ୟ ଭାଷାର ଖବରକାଗଜଗୁଡିକ ଖବର କାଗଜ ଏଜେଣ୍ଟମାନଙ୍କ ନିକଟରେ ପହଞ୍ଚି ଥାଏ। ସେଠାରୁ ବିତରଣକାରୀମାନେ ସାଇକେଲ, ବାଇକ୍ ଯୋଗେ ନେଇ ଗ୍ରାହକଙ୍କ ପାଖରେ ପହଞ୍ଚାଇ ଦେଇଥା'ନ୍ତି । ପୂର୍ବରୁ ଚାଲିଥିବା ବ୍ୟବସାୟ ଉପରେ କରୋନା ମହାମାରୀ ସମୟରେ ଏକ ଶକ୍ତ ଧକ୍କା ଲାଗିଥିଲା । ସରକାରଙ୍କ ତରଫରୁ ସମ୍ବାଦପତ୍ର ବିକ୍ରେତାଙ୍କୁ କିଛି ଆର୍ଥିକ ସାହାଯ୍ୟ ମଧ ଦିଆ ଯାଇଥିଲା ତେବେ ତାହା ଯଥେଷ୍ଟ ନଥିଲା । ବର୍ତ୍ତମାନ ସମୟରେ ସମ୍ବାଦପତ୍ର ବିକ୍ରି କରି ସୁଚାରୁରୂପେ ପରିବାର ଚଳାଇବା କାଠିକର ପାଠ ହୋଇଗଲାଣି । ତେଣୁ ଅନେକ ସମ୍ବାଦପତ୍ର ବିକ୍ରେତା ଦିନ ବେଳେ ପେଟ ପାଇଁ ଅନ୍ୟ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି । ସମ୍ବାଦପତ୍ରକୁ ଏକ ବ୍ୟବସାୟ ଭାବେ ଚଳାଉଥିବା ମାଲିକମାନେ ସ୍ୱୀକୃତିପ୍ରାପ୍ତ ବିକ୍ରେତାମାନଙ୍କ ପାଇଁ ଏକ ସ୍ଥାୟୀ ରୋଜଗାରର ବ୍ୟବସ୍ଥା କରିବାର ସମୟ ଆସିଛି ।

ବିଭିନ୍ନ ସରକାରୀ ସାହାଯ୍ୟ ଯେପରି କି ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା, କିଛି ସ୍ଥାୟୀ ପେନସନ, ସ୍କୁଲ୍‌ରେ ପିଲାଙ୍କୁ ରିହାତିରେ ପାଠପଢା ଖର୍ଚ୍ଚ କିପରି ଏମାନେ ପାଇ ପାରିବେ ସେଥିପାଇଁ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ସମ୍ବାଦପତ୍ର ପ୍ରକାଶନ ସଂସ୍ଥା ଏକତ୍ର ହୋଇ ଚିନ୍ତା କରିପାରନ୍ତି । ସମ୍ବିଧାନର ଚତୁର୍ଥ ସ୍ତମ୍ଭ ସମ୍ବାଦପତ୍ରର ଅନେକ କ୍ଷମତା ରହିଛି । ସେମାନଙ୍କର ଆନ୍ତରିକତା ନିଶ୍ଚିତ ଭାବେ ବିକ୍ରେତାଙ୍କ ପାଇଁ ଏକ ଆଶୀର୍ବାଦ ସାବ୍ୟସ୍ତ ହେବ । ସେମାନଙ୍କର ବ୍ୟବସାୟ ମୁଖ୍ୟତଃ ବିତରକମାନଙ୍କ ସହାୟତାରେ ଚାଲିଛି କିନ୍ତୁ ସେହି ବିତରକ ମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି ।

ବର୍ତ୍ତମାନ ଯୁଗରେ ଅନେକ ଖବର କାଗଜ ଆଧୁନିକ ଟେକ୍ନୋଲୋଜିକୁ ବ୍ୟବହାର କରୁଛନ୍ତି । ଅନେକ ଇ-ପେପର ପ୍ରକାଶ ପାଉଛି । ଇ-ପେପରଗୁଡିକ ଯଦି ଦିନ ୧୦ଟା ପରେ ପ୍ରକାଶ ପାଆନ୍ତା ତେବେ ଗ୍ରାହକ ବାଧ ହୋଇ ଖବର କାଗଜ କିଣି ନିଅନ୍ତେ । ବର୍ତ୍ତମାନ ଗ୍ରାହକ ସଂଖ୍ୟା କମି କମି ଯାଉଛି , ଯେଉଁ ବିକ୍ରେତା ୫୦୦ ଖଣ୍ଡ କାଗଜ ବିତରଣ କରୁଥିଲେ ସେ ଆଜି ୨୦୦/୨୫୦ ଖଣ୍ଡ ବିତରଣ କରୁଛନ୍ତି । କିଛି ଇ-ପେପର ପାଇଁ ଗ୍ରାହକ ଦେୟ ଦେଉଥିବା ସମୟରେ କିଛି ଦେୟମୁକ୍ତ ଇଣ୍ଟରନେଟରୁ ମିଳି ଯାଉଛି । ସମୟ ସହିତ ତାଳ ଦେଇ ପ୍ରଯୁକ୍ତି ବିଦ୍ୟା ନିଜର ସ୍ଥାନ ଅଧିକାର କରି ଚାଲିଛି । କିନ୍ତୁ ପୁରୁଣା କାଳରୁ ଜୀବନ ଜୀବିକା ନେଇ ବଞ୍ଚୁଥିବା କିଛି ବିତରକ ଭାଇ ଭଉଣୀ ଦିନକୁ ଦିନ ହତାଶ ହେଉଛନ୍ତି । ଇ-ପେପର ପ୍ରଚଳନ ଜନିତ କ୍ଷତି ସହୁଥିବା କିଛି ସ୍ଥାନୀୟ ବିକ୍ରେତାଙ୍କୁ ଯଦି ସମ୍ବାଦପତ୍ର ସଂସ୍ଥା କିଛି ବୋନସ୍ ବ୍ୟବସ୍ଥା କରନ୍ତେ ତେବେ କିଛିଟା ଉପକାର ହୁଅନ୍ତା । ଅନ୍ୟପକ୍ଷରେ ଦେଖିବାକୁ ଗଲେ ସାରା ପୃଥିବୀରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନେ ଓଡ଼ିଶାର ସମ୍ବାଦ କେବଳ ଇ-ପେପରରୁ ଜାଣିବାକୁ ପାଇ ଥାନ୍ତି । ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା, ତେଣୁ ସମ୍ବାଦପତ୍ର ସଂସ୍ଥା କ'ଣ କରିବେ ? ଏହାର ବିକଳ୍ପ ହେଉଛି ବିକ୍ରେତା ସଂଘ ସରକାର ଏବଂ ସମ୍ବାଦପତ୍ର ମାଲିକମାନଙ୍କୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନାରେ ନିଜର ଦାବି ରଖି ପାରିବେ। ସରକାରଙ୍କ ମାନବିକତା, ସମ୍ବାଦପତ୍ର ମାଲିକ ସଂଘର ବ୍ୟବସାୟ ତଥା ବିକ୍ରେତାମାନଙ୍କ ସେବା ଏହି ତିନୋଟି ବିଷୟ ନେଇ ଆଲୋଚନା ପର୍ଯ୍ୟାଲୋଚନା ପରେ ନିଶ୍ଚିତ ଭାବେ କିଛି ନା କିଛି ନିର୍ଯ୍ୟାସ ବାହାରିବ ଏଥିରେ ସନ୍ଦେହ ନାହିଁ । ପରସ୍ପରର ଦୁଃଖ ସୁଖକୁ ନିଜ ଭିତରେ ଅନୁଭବ କରିବାକୁ ପଡିବ ।ଦରକାର ହେଲେ କିଛିଟା ତ୍ୟାଗ, ସହଯୋଗ ସହିତ ଦାବିକୁ ମାର୍ଜିତ ଭାବେ ଉପସ୍ଥାପନ କରାଯାଇପାରେ । ତେବେ ଏହାର ସମାଧାନର ବାଟ ଉଜ୍ଜଳ ପରି ମନେହୁଏ । ଏନେଇ ସହୃଦୟତା କେବଳ ଲୋଡ଼ା।

ମୋ: ୯୯୩୭୧୭୪୦୯୭

# ଭଙ୍ଗା କୁଡ଼ିଆରେ ରହୁଥିବା ବୃଦ୍ଧାଙ୍କୁ ଭେଟିଲେ ଆପ୍ କର୍ମକର୍ତ୍ତା



କେନ୍ଦୁଝର,୧।୯ (ନିପ୍ର); କେନ୍ଦୁଝର ଆମ୍ ଆଦମୀ ପାର୍ଟିର ଏକ ଟିମ୍ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ସଦର ବ୍ଲକ୍ ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ଘୁଟୁର ଗ୍ରାମକୁ ପରିଦର୍ଶନ କରିଥିଲେ। ଏହି ଗ୍ରାମରେ ବହୁ ସମସ୍ୟା ରହିଥିବାର ଅନୁଧ୍ୟାନ କରିଥିଲେ। ବହୁଲୋକ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାପାଇଁ ଯୋଗ୍ୟ ଥିଲେ ମଧ୍ୟ ଏଯାଏଁ ଘର ପାଇନାହାନ୍ତି। ଏହି ପରିପ୍ରେକ୍ଷୀରେ ଆପ ଟିମ୍ ଭେଟିଥିଲେ ଜଣେ ବୃଦ୍ଧା ମହିଳାଙ୍କୁ ଯାହାଙ୍କ ନାମ ସୁକୁମାରୀ ଜେନା, ବୟସ ପାଖାପାଖି ୮୦ପାର କଲାଣି। ସେ ଗୋଟିଏ ଭଙ୍ଗା କୁଡିଆ ଘରେ ରହୁଛନ୍ତି ଯେଉଁଥିରେ ରହିବା ଅସମ୍ଭବ। ବର୍ଷା ଦିନରେ ଘର ସାରା ପାଣି ରୋଷେଇ କରିବା ସହ ରହିବ କଷ୍ଟକର ହୋଇପଡିଛି। ସେହିପରି ବୟସ ୮୦ ବର୍ଷ ଉପରେ ହେଲାପରେ ମଧ୍ୟ ସରକାରଙ୍କ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ତାଙ୍କ ପାଇଁ ଲାଗୁ ହୋଇନି ସେ ପୁଣି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସଦର ନିର୍ବାଚନ ମଣ୍ଡଳୀ ଭୋଟର। ତେଣୁ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଆମ ଆଦମୀ ପାର୍ଟିର ସଦସ୍ୟ ମାନେ ଜଣାଇଛନ୍ତି।

# ଏଲଆଇସିର ୬୯ତମ ପ୍ରତିଷ୍ଠା ଦିବସ

ଧର୍ମଗଡ,୧।୯ (ନିପ୍ର); କଳାହାଣ୍ଡି ଜିଲ୍ଲା ଧର୍ମଗଡ ଏଲଆଇସି ଅଫିସରେ ୬୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ପ୍ରତିଷ୍ଠା ଦିବସରେ ଧର୍ମଗଡ ଏସ ଓ ମ୍ୟାନେଜର ଚିରଞ୍ଜୀବୀ ପୃଷ୍ଟିଙ୍କ ନେତୃତ୍ୱରେ , ବିକାଶ ଅଧିକାରୀ ନିରଞ୍ଜନ ପ୍ରଧାନ, ଉତ୍ତମ ପ୍ରଧାନ, ଆଶିଷ ମିଶ୍ର, ଏଏଓ ନିରାକାର ପ୍ରଧାନ ସମେତ ଅନେକ ଅଭିକର୍ତ୍ତା ଉପସ୍ଥିତ ରହିଥିଲେ। ସମସ୍ତଙ୍କ ନାମରେ ଗୋଟିଏ ଗୋଟିଏ ଜୀବନ ବୀମା ରହିବା ଉଚିତ ଓ ସର୍ବସାଧାରଣଙ୍କ ଯେଉଁ ବିଶ୍ୱାସ ଯେମିତି ଏଲଆଇସି ଉପରେ ଅଛି ସେହି ବିଶ୍ୱାସକୁ ଦୃଢ଼ କରିବା ପାଇଁ ବିଏମ ଶ୍ରୀ ପୃଷ୍ଟି ଉପସ୍ଥିତ ସବୁ ଅଭିକର୍ତ୍ତାଙ୍କ ପ୍ରତି ଭାଷଣ ରଖିଥିଲେ ।

# 'ସୁସ୍ଥ ଓ ଫିଟ ରହିବାକୁ ସାଇକେଲ ଚାଳନା ସୁନ୍ଦର ଅଭ୍ୟାସ'

ପୁରୀ,୧।୯ (ନିପ୍ର): ନିଜକୁ ସୁସ୍ଥ, ନୀରୋଗ ଓ ଫିଟ ରଖିବାକୁ ସାଇକେଲ ଚାଳନା ଏକ ସୁନ୍ଦର ଅଭ୍ୟାସ ।ପ୍ରଧାନମନ୍ତ୍ରୀଙ୍କ ଫିଟ ଇଣ୍ଡିଆ ଅଭିଯାନ ପାଇଁ ତଥା ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ, ପ୍ରାଣାୟମ ଭଳି ସାଇକେଲ ଚାଳନାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର। ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ପୁରୀ ପୌରପାଳିକା ଓ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ସାଂସଦ ଡା ପାତ୍ର ପ୍ରତ୍ୟେକ କିଛି ନା କିଛି କାର୍ଯ୍ୟ କଳାପ ମାଧମରେ ନିଜକୁ ଫିଟ ରଖିବା ଉଚିତ। ଚଳିତ ବର୍ଷ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଖୋଖୋ କ୍ରୀଡ଼ାର ବରିଷ୍ଠ ପ୍ରଶିକ୍ଷକ ସଞ୍ଜୀବ ଶର୍ମା,ବିଭିନ୍ନ ବିଭାଗର କ୍ରୀଡ଼ା କୋଚ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# କ୍ଷତ୍ରିୟ ସମାଜ କାର୍ଯ୍ୟକର୍ତ୍ତା ଚୟନ

ଡାବୁଗାଁ ,୧।୯ (ନିପ୍ର): ଡାବୁଗାଁ ଥାନା ଅନ୍ତର୍ଗତ ଚାରଗାଁ ଠାରେ ନବରଙ୍ଗପୁର ଜିଲ୍ଲା କ୍ଷତ୍ରିୟ ସମାଜ କାର୍ଯ୍ୟକର୍ତ୍ତା ଚୟନ ଓ କମିଟି ଗଠନ କରାଯାଇଛି। ଏହି ଅବସରରେ ଚକ୍ରଧର ସିଂଙ୍କୁ ଜିଲ୍ଲା ସଭାପତି ଓ ଜୟନ୍ତ କୁମାର ପାତ୍ରଙ୍କୁ ସାଧାରଣ ସମ୍ପାଦକ (ସଂଗଠନ) ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ଧନେଶ୍ୱର ସିଂ, ଉପ ସଭାପତି ଭାବେ ସୁରେନ୍ଦ୍ର ନାୟକ, ଲକ୍ଷ୍ମୀକାନ୍ତ ପାଣ୍ଡେ, ସଦନ ନାୟକ, ମନମୋହନ ସିଂ, କାର୍ତ୍ତିକ ଦାସ, ହରିହର ଧାକଡ, ସଂପାଦକ ଭାବେ ଲକ୍ଷ୍ମଣ ସିଂ, ମହେଶ୍ୱର ନାୟକ, ବିଭୁତି ନାୟକ, କୋଷାଧ୍ୟକ୍ଷ ଭାବେ ଭିକାରୀ ଚରଣ ନାୟକ, ସଂଯୋଜକ ଭାବେ ବଳିରାମ ସିଂ, ସହ ସଂଯୋଜକ ଭାବେ ସୁମିତ ସିଂ ଠାକୁର, ପ୍ରଜେକ୍ଟ ଲିଡର ଭାବେ ତ୍ରିନାଥ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉଛି। କମିଟି ରେ ବାର ଜଣ ମାର୍ଗଦର୍ଶକ ମଣ୍ଡଳୀରେ ସ୍ଥାନ ପାଇଥିବା ସ୍ଥଳେ କାର୍ଯ୍ୟକାରିଣୀରେ ଦଶ ଜଣଙ୍କୁ ମନୋନୀତ କରା ଯାଇଛି।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପିପିଲି,୧।୯ (ନିପ୍ର); ଜାତୀୟ/ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆଗାମୀ ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସିଭିଲ କୋର୍ଟ ସମେତ ପିପିଲି ,ନିମାପଡା ,କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନି ,ଫୌଜଦାରୀ ,ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ବୈବାହିକ ବିବାଦ (ଛାଡପତ୍ର ବାଦ୍‌ଦେଇ) , ଜମି ଅଧିଗ୍ରହଣ , ବିଦ୍ୟୁତ ଓ ଜଳ ଯୋଗାଣ ବିଲ୍ ଦେୟ ଜନିତ ବିବାଦ ,ବ୍ୟାଙ୍କରଣ ବିବାଦ , ଶ୍ରମ ଓ ନିଯୁକ୍ତି ବିବାଦ , ପ୍ରାକ ମକଦ୍ଦମା ସ୍ତରୀୟ ତଥା ବ୍ୟାଙ୍କରଣ ବିବାଦ, ରାଜସ୍ୱ ଓ ଅନାନ୍ୟ ସଲୀସ ଯୋଗ୍ୟ ଦେୱାନି ,ଫୌଜଦାରୀ ମକଦ୍ଦମା ଗୁଡିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକ୍ରମ

ଚାରିଛକ,୧।୯ (ନିପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କର ମାନସିକ, ବୌଦ୍ଧିକ, ନୈତିକ ଏବଂ ଆଧ୍ୟାତ୍ମିକ ବିକାଶ ନିମନ୍ତେ ଏକ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତା ଭାବେ ସମାଜ ସଂସ୍କାରକ, ପ୍ରବଚକ, ବେଦାଚାର୍ଯ୍ୟ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମହାଭାଗ ଯୋଗଦେଇ ଛାତ୍ରୀମାନଙ୍କୁ ନୀତି ଓ ଆଦର୍ଶ ଭିତ୍ତିକ ଜୀବନ ଦର୍ଶନର ମାର୍ଗ ପ୍ରଦର୍ଶନ କରାଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡକ୍ଟର ଅଶୋକ ବିଶ୍ୱାଳ ବୀରେନ୍ଦ୍ର ପଣ୍ଡା ମହୋଦୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ଶ୍ରୀଲେଖା ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ପ୍ରଭାତ ଚନ୍ଦ୍ର ମିଶ୍ର,ଚାରିଛକ ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ ସମାଜସେବୀ ନିରୋଦ ବରଣ ଖୁଣ୍ଟିଆ, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ସମାଜସେବୀ ଡକ୍ଟର କେଦାରନାଥ ସାହୁ ପ୍ରଭୃତି ଯୋଗଦେଇଥିଲେ ।

# ବିଦ୍ୟୁତ୍ ଉପଭୋକ୍ତା ସଂଘ ଗଠିତ

ଡେରାବିଶ,୧।୯ (ନିପ୍ର): ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ କଲ୍ୟାଣ ମଣ୍ଡପ ସଭାଗୃହରେ ବିଦ୍ୟୁତ ଉପଭୋକ୍ତା ସଂଘ ଗଠିତ ହୋଇଛି। ପ୍ରାକ୍ତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହଙ୍କ ଆବାହକତ୍ୱରେ ତଥା ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର ଓ ଶିକ୍ଷାବିତ ପ୍ରଭାକର ସାମଲଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଦ୍ୟୁତ ଉପଭୋକ୍ତା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆବାହକ ଶ୍ରୀ ସିଂହ ବୈଠକର ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଟାଟା ବିଦ୍ୟୁତ କମ୍ପାନୀ ଜନସାଧାରଣଙ୍କୁ କିପରି ଶୋଷଣ କରୁଛି ସେ ସମ୍ପର୍କରେ ମତ ରଖିଥିଲେ । ମନଇଛା ବିଦ୍ୟୁତ କାଟ, ସ୍ଥିରୀକୃତ ତାରିଖ ନ କରି ମନମାନୀ ଅନୁସାରେ ମିଟର ରିଡ଼ିଂ ନେବା,ବିଲରେ ରିଡ଼ିଂ ଚାର୍ଜ ବ୍ୟତୀତ ଅନ୍ୟାନ୍ୟ ଚାର୍ଜ ମାନ ପକାଯାଇ କିପରି ଉପଭୋକ୍ତାଙ୍କୁ ଶୋଷଣ ଚାଲିଛି ସେ ସମ୍ପର୍କରେ ଶ୍ରୀ ସିଂହ ଅଭିଯୋଗ ଆଣିଥିଲେ । ଏହି ଅବସରରେ ଏହା ବିରୁଦ୍ଧରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ୱରୂପ ୨୧ ଜଣିଆ କମିଟି ଗଠନ ଗଢାଯାଇଥିଲା। ଏହି ୨୧ ଜଣିଆ କମିଟିରେ ବିଭିନ୍ନ ଅଞ୍ଚଳର ଲୋକପ୍ରତିନିଧି ତଥା ଉପଭୋକ୍ତାମାନଙ୍କୁ ନେଇ ଗଠିତ ହୋଇଥିଲା।

# ପରିତ୍ୟକ୍ତ ଅବସ୍ଥାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ

ନିରାକାରପୁର,୧।୯ (ନିପ୍ର): ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ଥିଲେ ବିଶିଷ୍ଟ ବୈଜ୍ଞାନିକ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଏପିଜେ ଅବଦୁଲ କଲାମ । ତାଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରକଳ୍ପଗୁଡିକ ନିଶ୍ଚିତ ରୂପେ ଗୋଟିଏ ଲେଖାଏଁ ସ୍ମାରକୀ। ତେବେ ସରକାରଙ୍କ ଉଦାସୀନତାରୁ କଲାମଙ୍କ ଦ୍ୱାରା ଉଦ୍‌ଘାଟିତ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଟି ପରିତ୍ୟକ୍ତ ହୋଇ ପଡ଼ିଛି। ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଏକାଡେମୀ (ସରକାରୀ ହାଇସ୍କୁଲ) ପରିସରରେ ରହିଛି ଏହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ । ରକ୍ଷଣାବେକ୍ଷଣ ଅଭାବରୁ ଏହା ଭୁଶୁଡିବାକୁ ଅବସ୍ଥାକୁ ଆସିଯାଇଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ୨୦୦୩ ମେ ୧୫ରେ ତତ୍‌କାଳୀନ ରାଷ୍ଟ୍ରପତି ଡ ଏପିଜେ ଅବଦୁଲ କଲାମ ଏହି ବାତ୍ୟା ଆଶ୍ରୟସ୍ଥଳ /ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ। ସାଥିରେ ଥିଲେ ତତ୍‌କାଳୀନ ରାଜ୍ୟ ସଭା ଉପାଧ୍ୟକ୍ଷା ନଜମା ହେପାତୁଲ୍ଲା, ସେତେବେଳର ଓଡ଼ିଶା ରାଜ୍ୟପାଳ ଏମଏମ୍ ରାଜେନ୍ଦ୍ରନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ହୁଡକୋ ଦ୍ୱାରା



୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲା ଉକ୍ତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଛାତରୁ ବର୍ଷା ଦିନେ ପାଣି ଗଳୁଛି। କାନ୍ଥରେ ଶିଉଳି ଚଢି ଗଲାଣି ଅନେକ ସ୍ଥାନରୁ ସିମେଣ୍ଟ ଛେଲା ଖସିଲାଣି। କଳଙ୍କିଯୁକ୍ତ ଲୁହାରଡ଼ ଦେଖା ଗଲାଣି। କବାଟ ଝରକାଗୁଡିକ ଭାଙ୍ଗି ରୁଜି ଖଣ୍ଡଖଣ୍ଡ ହୋଇ ଝଡି ପଡ଼ିଲାଣି। ଇଲେକ୍ଟ୍ରିକ ୱାରିଂ ଛିଣ୍ଡି ବିଦ୍ୟୁତ୍ ତାର ବାହାରକୁ ଦେଖାଯାଉଛି। ବର୍ଷା ୪ ମାସ କାନ୍ଥ ସନ୍ତସନ୍ତିଆ ରହୁଛି। ସେହି ଭଙ୍ଗା ଘରେ ଚାଲିଛି କ୍ଷେତ୍ରବାସୀ ଏକାଡେମୀ ମୁଖ୍ୟ କାର୍ଯ୍ୟାଳୟ । ବାତ୍ୟା ଆଶ୍ରୟସ୍ଥଳ ଭିତରେ କାର୍ଯ୍ୟ କରୁଛି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଆଉ ଏକ ଘର ଷ୍ଟାଫ କମନରୁମ ଭାବେ ବ୍ୟବହାର କରାଯାଉଛି । ବିଡମ୍ବନାର ବିଷୟ ଉକ୍ତ ଘରର ଉପର ମହଲାର ଆଉ ତିନୋଟି କୋଠରୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଅବ୍ୟବହୃତ ଗୃହ ଭିତରେ ବିଷଧର ସରୀସୃପମାନେ ବିଚରଣ କରୁଛନ୍ତି । ଘରଟି ଭୁଶୁଡିପଡ଼ିବାର ଆଶଙ୍କା ରହିଛି। ଉପର ମହଲାରେ ଥିବା ଶୌଚାଳୟ ପାଇପଗୁଡିକ ଭାଙ୍ଗିରୁଜି ଗଲାଣି। ସନ୍ତସନ୍ତିଆ କାନ୍ଥରୁ ଏକକୋଣରୁ ପାଣି ଝରି ସିଡିଦେଇ ତଳ ଘର ଓଦା ହେଉଛି ।

ପାଠପଢ଼ା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେରେ ସାଧାରଣ ଲୋକଙ୍କୁ ନିରାପଦ ଆଶ୍ରୟ ଦେବାକୁ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳ ବିପଦସଙ୍କୁଳ ଅବସ୍ଥାରେ। ଏହି ବାତ୍ୟା ଆଶ୍ରୟସ୍ଥଳ ଅବସ୍ଥା ଯଥା ପୂର୍ବଂ ତଥା ପରଂ । ଭାରତ ରତ୍ନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ଦ୍ୱାରା ଦ୍ୱାରା ଉଦଘାଟିତ ଗୃହର ଭାଙ୍ଗିଭୁଙ୍ଗି ପଡ଼ିଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଯାହା ପୂର୍ବରୁ ଭାଙ୍ଗିଥିଲା ଫଣି ବାତ୍ୟାରେ ଆହୁରି କିଛି ଅଂଶ ନଷ୍ଟ ହୋଇଛି। ଏହି ସ୍ମାରକୀ ଗୃହ କେତେବେଳେ ଭୁଶୁଡ଼ି ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଉପରେ ପଡି ଅଘଟଣ ଘଟିବ କହିହେବ ନାହିଁ । ଦୀର୍ଘ ଦିନ ଦାବି ସତ୍ତ୍ୱେ ବିଦ୍ୟାଳୟ ଗୃହ ମରାମତି କରାଯାଉନି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ମାଟି ଅତଡ଼ା ଧସି ଶ୍ରମିକ ମୃତ୍ୟୁ ଘଟଣା ତଦନ୍ତ କଲେ ଡିଭିଜନାଲ ଶ୍ରମ କମିଶନର

କେନ୍ଦୁଝର,୧।୮(ନିପ୍ର): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ହେସାବେଡା ଠାରେ ସ୍ଲରି ପାଇପ ଲାଇନ ବେଳେ ମାଟି ଅତଡା ଖସି ଜଣେ ଶ୍ରମିକ ମୃତ୍ୟୁବରଣ କରିବା ଘଟଣାରେ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ରବିବାର ଡିଭିଜନାଲ ଲେବର କମିଶନର ସୂର୍ଯ୍ୟ ନାରାୟଣ ମାଳୀ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ତଦନ୍ତ ବେଳେ ବାମେବାରୀ ଥାନା ଅଧିକାରୀ ଯଶୋକେତନ ଭୋଇ ଉପସ୍ଥିତ ଥିଲେ । ସୁରକ୍ଷାରେ ଅବହେଳା କାରଣରୁ ଏଭଳି ଅଘଟଣ ଘଟି ଜଣେ ଶ୍ରମିକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସ୍ଲରି ପାଇପ ଲାଇନ କାମ ବେଳେ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇନଥିଲା। ମୃତ ଶ୍ରମିକଙ୍କ ନାମ କାର୍ତ୍ତିକ ସାମନ୍ତ(୩୫) ଏବଂ ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟର ପୂର୍ବ ମେଦିନପୁର ଅଂଚଳରେ ବୋଲି ଜଣାପଡିଛି । ସୁନ୍ଦରଗଡ ଜିଲ୍ଲା ସାଗାସାହି ଲୌହ ଖଣିରୁ-ଦୁବୁନା ସ୍ଥିତ ଏକ ଷ୍ଟିଲ କମ୍ପାନୀକୁ ସ୍ଲରି ପାଇପ ଲାଇନ ବିଛା ଚାଲିଛି । ୨୯ ତାରିଖ ଅପରାହ୍ନରେ ସ୍ଲରି ପାଇପ ଲାଇନ କାମ ବେଳେ ଗୋଟିଏ ସ୍ଲରି ପାଇପ ସହ ଆଉ ଗୋଟିଏ ସ୍ଲରି ପାଇପକୁ ୱେଲଡିଂ କରାଯାଇ ସଂଯୋଗ କରାଯାଉଥିବାବେଳେ କମ୍ପନରେ ଉପର ପଟୁ ମାଟି ଅତଡା ଖସି ୮ଫୁଟ ତଳେ କାମ କରୁଥିବା ଜଣେ ଶ୍ରମିକଙ୍କ ଉପରେ ପଡି ଯିବା ଫଳରେ ମାଟିରେ ଚାପି ହୋଇ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲା । ସ୍ଲରି ପାଇପ ଲାଇନ କାମ ବେଳେ କମ୍ପାନୀ ସୁରକ୍ଷାକୁ ଦୃଷ୍ଟି ଦେଇନଥିବା ଏବଂ ମୃତ ଶ୍ରମିକଙ୍କ ପରିବାରଙ୍କୁ କ୍ଷତିପୂରଣ ଦେବା ଦାବିରେ ଶ୍ରମିକମାନେ ଦୁବୁନାସ୍ଥିତ ଉକ୍ତ କମ୍ପାନୀର ଷ୍ଟିଲ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ ।



କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକମାନେ ଧାରଣାରୁ ହଟିଥିଲେ । ଏ ନେଇ ଡିଭିଜନାଲ ଲେବର କମିଶନର ସୂର୍ଯ୍ୟ ନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ କର୍ମଚାରୀ କ୍ଷତିପୂରଣ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ସ୍ଲରି ପାଇପ ଲାଇନ କାମ ବେଳେ ସୁରକ୍ଷାରେ ଅବହେଳା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରମିକ ନେତା ମହେଶ୍ୱର ରାଉତ ଦାବି କରିଛନ୍ତି ।

# ବୌଦ୍ଧକୁ ବିକଶିତ ଜିଲ୍ଲାରେ ପରିଣତ କରିବା: ମୁଖ୍ୟ ସଚେତକ

ବୌଦ୍ଧ,୧/୯;(ନିପ୍ର); ବୌଦ୍ଧଗଡ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବୌଦ୍ଧ ଏନଏସିକୁ ମ୍ୟୁନିସିପାଲିଟି ଭାବରେ ଘୋଷଣା କରିଛନ୍ତି। ଭିଡିଓକନଫରେନସ ଜରିଆରେ ମୁଖ୍ୟମନ୍ତ୍ରୀ ବୌଦ୍ଧ ଏନଏସିକୁ ମ୍ୟୁନସିପାଲଟି ଭାବରେ ଘୋଷଣା କରିବା ସହିତ ମର୍ଜାକୁଦ ଠାରେ ନୂତନ କଲ୍ୟାଣ ମଣ୍ଡପର ଉଦଘାଟନ କରିଥିଲେ ।ମୁଖ୍ୟମନ୍ତ୍ରୀ ବୌଦ୍ଧ ଏନଏସିକୁ ମ୍ୟୁନସିପାଲଟି ଘୋଷଣା କରିବା ପରେ ସାରା ସହରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା । ଜନସାଧାରଣ ଆତସବାଜି ଫୁଟାଇ ମିଠା ବାଣ୍ଟି ଖୁସି ବନାଇ ଥିଲେ । ଏହି ଅବସରରେ ସନ୍ଧ୍ୟାରେ ବୌଦ୍ଧ ଟାଉନହଲ ଠାରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ବୌଦ୍ଧଜିଲ୍ଲାକୁ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ ଆହ୍ୱାନ କରିଥିଲେ । ଦଳମତ ନିର୍ବିଶେଷରେ ବୌଦ୍ଧର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ଜିଲ୍ଲା ଗଠନର ୩୧ ବର୍ଷ ବିତିଯାଇଥିଲେ ମଧ୍ୟ ବୌଦ୍ଧ ଏନଏସି ମ୍ୟୁନସିପାଲଟିର ମାନ୍ୟତା ପାଇ ପାରିନଥିଲା । ବର୍ତମାନର ମୋହନ ଚରଣ ମାଝି ସରକାର ବୌଦ୍ଧ ଏନଏସିକୁ ମ୍ୟୁନସିପାଲଟି ଘୋଷଣା କରିଛି । ସେଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଥିଲେ । ବୌଦ୍ଧ ସହରର ବିକାଶ ପାଇଁ ଜମିର ଅଭାବକୁ ଦୂର କରାଯିବ । ଜିଲ୍ଲାର ମାନ୍ୟତା ପାଇଥିଲେ ମଧ୍ୟ ଆଜି ମଧ୍ୟ କୌଣସି ନା କୌଣସି ଜାଗାରେ ଜାଗାର ଅଭାବ, ସମନ୍ୱୟର ଅଭାବ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଯେତେ ମାତ୍ରରେ ବିକାଶ ହେବା କଥା ସେତିକି ମାତ୍ରାରେ ହୋଇପାରିନାହିଁ । ବର୍ତ୍ତମାନ ବିକାଶ ପାଇଁ ଅନେକ ସମ୍ଭାବନା ସୃଷ୍ଟି ହୋଇଛି । ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ କଣ୍ଟାମାଳ, ମନମୁଣ୍ଡା, ବାଉଁଶୁଣୀ, ପୁରୁଣାକଟକକୁ ଏନଏସି କରାଯିବ । ପୂର୍ବ ସରକାର ସମୟରେ ବୌଦ୍ଧ ଏନଏସି କୁ ଯେଉଁ ସୁବିଧା ସୁଯୋଗ ମିଳୁଥିଲା ବର୍ତ୍ତମାନର ସରକାର ତାହା ଯୋଗାଇ ଦେବ ବୋଲି କହିଥିଲେ । ଏନଏସି ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ର ଅଧ୍ୟକ୍ଷତା କରି ଏନଏସି ରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ । ବିଶେଷ କରି ଜାଗା ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ । ସମ୍ମାନିତ ଅତିଥି ଭାବେ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଉପାଧ୍ୟକ୍ଷା ସୁଭାଷିନୀ ସେଠୀ ଓ କାଉନସିଲର ଯୋଗଦେଇଥିଲେ । ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଥିଲେ ।

# 'ପାରଳା ସହରକୁ ବିକାଶମୁଖୀ ସହର ଭାବେ ଗଢି ତୋଳା ଯିବ'

ପାରଳାଖେମୁଣ୍ଡି,୧।୯(ନିପ୍ର):ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡି ମୁନିସିପାଲିଟିର ପୌରାଧ୍ୟକ୍ଷା ନିର୍ମଳା ସେଠୀ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଜନ ସାଧାରଣଙ୍କୁ କହିଥିଲେ। ଯେ, ବିଗତ ଦିନରେ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ଅଞ୍ଚଳରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇ ସେ ସବୁର ନିର୍ମାଣ ଶେଷ କରିଛୁ। ଆହୁରି ଅନେକ ଜନହିତକର କାର୍ଯ୍ୟ ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପାରଳା ସହରର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଆଗାମୀ ଦିନରେ ପାରଳା ସହରକୁ ଆହୁରି ଉନ୍ନତମୟ ଓ ବିକାଶମୁଖୀ ସହର ଭାବେ ଗଢି ତୋଳିବା ପାଇଁ ଆମେ ବଦ୍ଧପରିକର। ଏହି ଅବସରରେ ପାରଳା ମହାରାଜ ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ସମେତ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା. ।

ଏଥିସହ ସ୍ଥାନୀୟ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଲେଙ୍କା ମଧୁ, କାର୍ଯ୍ୟ ନିର୍ବାହୀ ଅଧୁକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ ନିର୍ବାଚିତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# 'କ୍ରୀଡ଼ା ଶାରୀରିକ ସୁସ୍ଥତା, ବିକାଶ ପାଇଁ ଆବଶ୍ୟକ'

ରମ୍ଭା,୧।୯ (ନିପ୍ର); କ୍ରୀଡା ଯେ କେବଳ ଶାରୀରିକ ସୁସ୍ଥତା, ବିକାଶ ପାଇଁ ଆବଶ୍ୟକ ତା' ନୁହେଁ ମାନସିକ ସ୍ଥିରତା ସନ୍ତୋଷ ଲାଗି କ୍ରୀଡାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଥିଲେ । ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ୨୦୨୫-୨୬ ପରିପ୍ରେକ୍ଷୀରେ ଜୋନାଲ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଏବଂ କଞ୍ଚଣା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦୁଇଗୋଟି ଜୋନରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷୟିତ୍ରୀ ଶିବରାଣୀ ମଲ୍ଲିକା ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ ସ୍ୱତନ୍ତ୍ର ଅତିଥି, ସହ ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ, କନକ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ସାହୁ, ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ରୀତିରେ ପ୍ରତିଯୋଗିତାର ଶୁଭାରମ୍ଭ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଖଲ୍ଲିକୋଟ ଜୋନର ସମ୍ପାଦକ ଭଗବାନ ବେହେରା, ବ୍ଲକ୍ ସମ୍ପାଦକ ପୀତବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର ପରିଚାଳନା କରିଥିଲେ । ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ପ୍ରତିଯୋଗୀ ମାନେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଛାତ୍ର ଛାତ୍ରୀମାନେ ମାର୍ଚ୍ଚ ଫାଷ୍ଟ କରିଥିଲା ବେଳେ ମା ବାହୁଡୀ ବିଦ୍ୟାଳୟ, ଡିମିରିଆର କ୍ରୀଡା ପ୍ରଶିକ୍ଷକ ମହନ୍ତ ଜେନା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ ।



ସିଆର୍‌ସିସି ଶୁଭେନ୍ଦୁ ରାଉତ, କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରକାଶ ଚନ୍ଦ୍ର ସେଠୀ, ପବନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସିଆର୍‌ସିସି ଡକ୍ଟର ଦ୍ୱାରିକାନାଥ ମହାରଣା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଠିକ୍ ସେହିପରି କଞ୍ଚଣା ଜୋନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ପଞ୍ଚାୟତ ସରପଞ୍ଚ ଚିତ୍ରସେନ ଘୋଷ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ମହାରଣା, ସିଆରସିସି ଅନାଥ ବେହେରା, ପବିତ୍ର ବେହେରା, ସଂଗଠନ ସମ୍ପାଦକ ଜ୍ୟୋସ୍ନାବାଳା ସେନାପତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରୀୟ କ୍ରୀଡାର ବିକାଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ସମୁଦାୟ ୧୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୯ଟି ଉଚ୍ଚ ବିଦ୍ୟାଳୟର ୧୪ ବର୍ଷରୁ କମ୍ ୬୦ ଜଣ ବାଳକ, ୬୦ ଜଣ ବାଳିକା, ୧୭ ବର୍ଷରୁ କମ୍ ୪୫ ଜଣ ବାଳକ, ୫୦ ଜଣ ବାଳିକା, ଉଚ୍ଚତର ଶ୍ରେଣୀର ୩୦ଜଣ ବାଳକ, ବାଳିକା ସର୍ବମୋଟ ୨୪୫ ଜଣ ଭାଗନେଇଥିଲେ । କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ସୁକାନ୍ତ କୁମାର ବେହେରା, ରାଜକିଶୋର ପ୍ରଧାନ, ବାନାମ୍ବର ମଲ୍ଲିକ, ଦୀପ୍ତିମୟୀ ପାତ୍ର, ନୀଳାଚଳ ନାୟକ, ମହନ୍ତ ଜେନା, ଦିଲ୍ଲୀପ ଦାଶ, ଭାସ୍କର ଘାସି, ରାଜେନ୍ଦ୍ର କୁମାର ଦଳବେହେରା, ରାମଚନ୍ଦ୍ର ନାହାକ, ପ୍ରତାପ ଚନ୍ଦ୍ର ଗୌଡ, ଅସିତ୍ କୁମାର ଜେନା, ଅଜିତ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ସାହୁ, ବିଦ୍ୟୁତ୍ ପ୍ରଭା ବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ହତ୍ୟା ଉଦ୍ୟମ, ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର,୧।୯ (ନିପ୍ର) : କେନ୍ଦୁଝର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ସୁଧାଂଶୁ ଶେଖର ବିଶ୍ୱାଳ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତ କୁଆଁର ମାଝୀ(୪୦)କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ଏକ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ, ୧୫/୦୭/୨୦୨୦ ଅପରାହ୍ନ ୪ ଟାରୁ ୫ ଟା ମଧ୍ୟରେ ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରିଡାଗୋଠ ମାଝୀ ସାହିର ଭାଗବତ ମାଝୀ ବିଲରେ ପାଣି ମଡାଉଥିବାବେଳେ ସେହି ଗ୍ରାମର କୁଆଁର ମାଝୀଙ୍କ ସହ ବଚସା ହୋଇଥିଲା । କୁଆଁର ମାଝୀ ଉତକ୍ଷିପ୍ତ ହୋଇ ଧନୁତୀର ଆଣି ଭାଗବତ ମାଝୀଙ୍କ ଛାତିକୁ ତୀର ମାରିଥିଲେ। ଛାତିରେ ତୀର ବାଜି ଭାଗବତ ମାଝୀ ଗୁରୁତର ଅବସ୍ଥାରେ ବିଲରେ ପଡି ଯାଇଥିଲା । ଘର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହରିଚନ୍ଦନପୁର ମେଡିକାଲ ପରେ କେନ୍ଦୁଝର ଏବଂ କଟକ ବଡ ଡାକ୍ତରଖାନା ପଠାଇଥିଲେ। ଏ ନେଇ ଭାଗବତ ମାଝୀଙ୍କ ଅଜା ରଘୁନାଥ ମାଝୀ ହରିଚନ୍ଦନପୁର ଥାନାରେ ଘଟଣାର ୨ଦିନ ପରେ ୧୭ ତାରିଖରେ ଏତଲା ଦେଇଥିଲେ । ହରିଚନ୍ଦନପୁର ପୋଲିସ କେସ ନମ୍ବର ୭୩/୨୦୨୦ ଦଫା ୩୦୭ରେ ଧନୁତୀର ଜବତ୍ କରିବା ସହ ଅଭିଯୁକ୍ତ କୁଆଁର ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ୧୩ଜଣ ସାକ୍ଷୀ ଉପସ୍ଥିତ ହୋଇ ଜମାନବନ୍ଦୀ ଦେଇଥିଲେ । ସାକ୍ଷୀଙ୍କ ବୟାନ ଏବଂ ତଦନ୍ତ ରିପୋର୍ଟକୁ ଭିତ୍ତି କରି କୁଆଁର ମାଝୀକୁ ଦୋଷୀ ସାବ୍ୟସ୍ତ କରି ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ସୁଧାଂଶୁ ଶେଖର ବିଶ୍ୱାଳ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି ।

# ୩ ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ ସ୍ଥାନରେ କାମ କରିଥିବା କର୍ମଚାରୀଙ୍କୁ ବଦଳି ପାଇଁ ନିର୍ଦ୍ଦେଶ

କେନ୍ଦୁଝର,୧।୯ (ନିପ୍ର): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଣିକି ୩ ବର୍ଷରୁ ଅଧିକ ଦିନ କର୍ମଚାରୀ କାମ କରିପାରିବେ ନାହିଁ । କାର୍ଯ୍ୟାଳୟରେ ସ୍ୱଚ୍ଛତା ପାଇଁ ସରକାର ଦୃଢ ପଦକ୍ଷେପ ସ୍ୱରୂପ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶାନାମା ଜାରୀ କରିଛନ୍ତି । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ର ଚିଠି ସଂଖ୍ୟା ୨୨୦୬୯ ତା ୨୦/୦୮/୨୦୨୫ରେ ଏହି ସଂକ୍ରାନ୍ତରେ ନିର୍ଦ୍ଦେଶାନାମ ପ୍ରକାଶ ପାଇଛି । ସାଧାରଣ ପ୍ରଶାସନ ବିଭାଗର ୦୧/୦୭/୧୯୯୨ର ନିୟମାବଳୀ ଅନୁସାରେ ୩ ବର୍ଷ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯିବ । ଏହି ନିୟମାବଳି ଅନୁସାରେ ଅଧିକ ଦିନ କାର୍ଯ୍ୟ କରିଥିବା ୫୦ ଶତକଡା କର୍ମଚାରୀଙ୍କୁ ପ୍ରଥମ ବର୍ଷ ବଦଳି କରାଯିବ ଏବଂ ତା' ପରବର୍ଷ ଅନ୍ୟ ୫୦ଶତକଡା କର୍ମଚାରୀଙ୍କୁ ବଦଳି କରାଯିବ । ଏହି ନିୟମ ଅନୁସରଣ କରି ରାଜ୍ୟର ବିଭିନ୍ନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ତୁରନ୍ତ ବଦଳି କରାଯିବ । ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି କର୍ମଚାରୀମାନେ ରହିଲେ ସେମାନଙ୍କର ସ୍ୱେଚ୍ଛାଚାରିତା ବୃଦ୍ଧି ସହ ଦୁର୍ନୀତି ବୃଦ୍ଧି ପାଉଥିଲା । ସବୁବେଳେ ଏହି ବଦଳି ନିୟମିତ ବ୍ୟବଧାନରେ ହେଲେ କାର୍ଯ୍ୟାଳୟ ଗୁଡିକରେ ସ୍ୱଚ୍ଛତା ବଜାୟ ରହିବ । ପ୍ରକାଶ ଥାଉକି ବିଭିନ୍ନ କାର୍ଯ୍ୟାଳୟରେ ବହୁ ବର୍ଷ ଧରି କାର୍ଯ୍ୟକରୁଥିବା କର୍ମଚାରୀଙ୍କ ବଦଳି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନେକ ବ୍ୟକ୍ତି ଅଭିଯୋଗ କରିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି ଭଳି ନିଷ୍ପତ୍ତି ନେଇଛି ।

02 .09.2025.pmd 1 9/1/2025, 4:59 PM

## ଏସ୍‌ସିଓରେ ସଦସ୍ୟତା ଅଟକାଇଛି ଭାରତ: ଆଜରବାଇଜାନ



ନୂଆଦିଲ୍ଲୀ,୧।୯: ସଂଘାଇ କର୍ପୋରେସନ ସଂଗଠନର ପୂର୍ଣ୍ଣ ସଦସ୍ୟତା ପ୍ରୟାସକୁ ଭାରତ ଅଟକାଇଥିବା ଅଭିଯୋଗ କରିଛି ଆଜରବାଇଜାନ୍ । ପାକିସ୍ତାନ ଓ ଆଜରବାଇଜାନ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିବା କୁହାଯାଏ । ଅପରେସନ୍ ସିନ୍ଦୂର ବେଳେ ପାକିସ୍ତାନକୁ ଖୋଲା ସମର୍ଥନ କରିଥିଲା । କେବଳ ଏତିକି ନୁହେଁ, ଆଜରବାଇଜାନ ଇସଲାମ ନାଁରେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ କରିଆସିଛି । ତେବେ ଆଜାରବାଇଜାନ୍ ମିଡିଆ ଦ୍ୱାରା କରାଯାଇଥିବା ଏହି ଦାବି ଉପରେ ଭାରତ କୌଣସି ପ୍ରତିକ୍ରିୟା ଦେଇ ନାହିଁ । ଆଜାରବାଇଜାନ ମିଡିଆ ନ୍ୟୁଜ୍.ଏଜେଡ୍ ଲେଖିଛି, 'ଏସସିଓର ପୂର୍ଣ୍ଣକାଳୀନ ସଦସ୍ୟ ପାଇଁ ଆଜାରବାଇଜାନର ଆବେଦନକୁ ଚୀନ ନିଜ ସମର୍ଥନ ଜଣାଇଥିଲା । କିନ୍ତୁ ଅଧିକାରୀଙ୍କ ସୂଚନା ଯେ ଭାରତ ଏଥିରେ ବାଧା ସୃଷ୍ଟି କରିଛି, ସଂଘାଇ ଭାବନା ଓ ନୀତିର ବିପରୀତ ଅଟେ ।' ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ପାକିସ୍ତାନ ସହ ଆଜାରବାଇଜାନର ନିବିଡ଼ ସମ୍ପର୍କ ଯୋଗୁ ଭାରତ ଏପରି ଆଭିମୁଖ୍ୟ ଗ୍ରହଣ କରିଛି । ଏହାରି ଭିତରେ ଆଜାରବାଇଜାନର ସବୁଠୁ ଘନିଷ୍ଠ ବନ୍ଧୁ ପାକିସ୍ତାନ ଏବେ ଆର୍ମେନିଆ ସହ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ କରିବା ପାଇଁ ଉଦ୍ୟମ କରୁଛି । ପାକିସ୍ତାନ ବିଦେଶ ମନ୍ତ୍ରୀ ଇଶାକ ଡାର୍ ନିଜ ଆର୍ମେନିଆ ସମକକ୍ଷ ଅରାରତ୍ ମିର୍ଜୋୟାନଙ୍କ ସହ କଥା ହୋଇଛନ୍ତି । ଉଭୟ ପକ୍ଷ କୂଟନୈତିକ ସମ୍ପର୍କ ସ୍ଥାପନ ଉପରେ ବିଚାର ପାଇଁ ସହମତି ଜଣାଇଛନ୍ତି । ପାକିସ୍ତାନ ବିଦେଶ ମନ୍ତ୍ରୀ ସୋସିଆଲ୍ ମିଡିଆରେ ଏହି କଥା ସ୍ପଷ୍ଟ କରିଛନ୍ତି । କିଛି ଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ଆର୍ମେନିଆ ଏବଂ ଆଜରବାଇଜାନ ଏକ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର କରିବା ପରେ ପାକିସ୍ତାନ ଏହି ଆଲୋଚନା କରିଛି । ଏହା ପୂର୍ବରୁ ପାକିସ୍ତାନ ଲଗାତାର ଆର୍ମେନିଆକୁ ସମାଲୋଚନା କରିଆସୁଛି ଏବଂ ଏହାକୁ ଏକ ଆକ୍ରମଣାତ୍ମକ ଦେଶ ଭାବରେ ମାନ୍ୟତା ଦେଇଛି । ପାକିସ୍ତାନ ତାର ବନ୍ଧୁ ଦେଶ ଆଜରବାଇଜାନକୁ ଖୁସି କରିବା ପାଇଁ ଏସବୁ କରିଛି । ଅନ୍ୟପକ୍ଷରେ, ଆଜରବାଇଜାନ ଗଣମାଧ୍ୟମ ଦାବି କରୁଛି ଯେ ପାକିସ୍ତାନ ସେମାନଙ୍କ ଦେଶ ସହିତ ଆଲୋଚନା କରିବା ପରେ ଏହି ଆଲୋଚନା କରିଛି ।

## ପାକିସ୍ତାନରେ ଆର୍ମି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୫ ମୃତ

ପାକିସ୍ତାନ,୧।୯: ପାକିସ୍ତାନରେ ଆର୍ମି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ । ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଗିଲଗିଟ୍-ବାଲ୍ଟିସ୍ତାନରେ ହେଲିକପ୍ଟରରେ ନିଆଁ ଲାଗିଯାଇଥିଲା । ଇଂଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହେଲିକପ୍ଟର ଦୁର୍ଘଟଣା ହୋଇଥିବା ଜଣାପଡିଛି । ଗିଲଗିଟ-ବାଲ୍ଟିସ୍ତାନ ସରକାରଙ୍କ ମୁଖପାତ୍ର ଫୈଜଉଲ୍ଲା ଫାରାକ ଏକ ବିବୃତ୍ତିରେ କହିଛନ୍ତି ଯେ, ବିମାନଟି ଡିଆମର ଜିଲ୍ଲାର ଚିଲାସ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଡିଆମର ବରିଷ୍ଠ ପୋଲିସ ଅଧୀକ୍ଷକ (ଏସଏସପି) ଅବଦୁଲ ହମିଦ କହିଛନ୍ତି ଯେ, ଦୁର୍ଘଟଣାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି । ହେଲିକପ୍ଟରଟି ଏକ ନୂତନ ପ୍ରସ୍ତାବିତ ହେଲିପ୍ୟାଡରେ ପରୀକ୍ଷାମୂଳକ ଅବତରଣ କରୁଥିଲା । ଦୁର୍ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ ।

## ବୋକା ବନାଇ ପାରୁଥିବା ବ୍ୟକ୍ତି ଭଲ ନେତା ହୋଇପାରିବେ: ନୀତିନ ଗଡ଼କରୀ

ନାଗପୁର,୧।୯: କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ନିଜ ବୟାନ ପାଇଁ ସବୁବେଳେ ଚର୍ଚ୍ଚାରେ ଥାନ୍ତି । ଅନେକ ସମୟରେ ତାଙ୍କର ବୟାନକୁ ନେଇ ଖୁବ ଆଲୋଚନା ହୁଏ । ଏବେ ସେ ପୁଣି ସେଭଳି ଏକ ବୟାନ ଦେଇଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ନାଗପୁରରେ ଏକ କାର୍ଯ୍ୟକ୍ରମରେ ନୀତିନ ଗଡକରୀ କହିଥିଲେ ଯେ, 'ଯେଉଁ ପେସାରେ ମୁଁ କାମ କରୁଛି, ସେଠାରେ ସମ୍ପୂର୍ଣ୍ଣ ହୃଦୟର ସହିତ ସତ୍ୟ କହିବା ନିଷେଧ । ଯିଏ ଲୋକଙ୍କୁ ସବୁଠାରୁ ଭଲ ଭାବରେ ବୋକା କରିପାରିବ, ସେ ସର୍ବୋତ୍ତମ ନେତା ହୋଇପାରିବ ।' ଗଡକରୀଙ୍କ ଏହି କଥା ଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ସମସ୍ତେ ହସିବାକୁ ଲାଗିଥିଲେ । କେହି ଆଶା କରିନଥିଲେ ଯେ, ଗଡକରୀ ଏହା କହିପାରିବେ ।ଏତିକିରେ ନଅଟକି ସେ ଆହୁରି କହିଥିଲେ ଯେ, 'ଯେକୌଣସି ଜିନିଷ ହାସଲ କରିବା ପାଇଁ ସର୍ଟକଟ୍ ଅଛି । ଜଣେ ବ୍ୟକ୍ତି ସର୍ଟକଟ୍ ମାଧ୍ୟମରେ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିଯାଏ ।

# ଏସ୍‌ସିଓ ବୈଠକରେ ଆତଙ୍କବାଦକୁ ନେଇ ବର୍ଷିଲେ ମୋଦି

ନୂଆଦିଲ୍ଲୀ,୧।୯: ଚୀନ୍‌ର ତିଆନ୍‌ଜିନ୍‌ରେ ଚାଲିଥିବା ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଭାଷଣ ଦେଇଛନ୍ତି ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର କଠୋର ମନୋଭାବକୁ ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦ ଉପରେ ଦ୍ୱୈତ ମାନଦଣ୍ଡ କୌଣସି ଦେଶ ପାଇଁ ଗ୍ରହଣୀୟ ହେବା ଉଚିତ୍ ନୁହେଁ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଗତ ୩୪ ବର୍ଷ ଧରି, ଏସସିଓ ସମଗ୍ର ୟୁରେସିଆକୁ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏସସିଓର ଏକ ସକ୍ରିୟ ସଦସ୍ୟ ଦେଶ ଭାବରେ ଭାରତ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିଛି । ସାଂଘାଇ ସହଯୋଗ ସଂଗଠନ ବିଷୟରେ ଭାରତର ଚିନ୍ତାଧାରା ୩ଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ । ୧- ସୁରକ୍ଷା, ୧- ସଂଯୋଗୀକରଣ, ୩- ସୁଯୋଗ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ' ଶାନ୍ତି ଏବଂ ସ୍ଥିରତା ଯେକୌଣସି ଦେଶର ବିକାଶର ମୂଳଦୁଆ । କିନ୍ତୁ ଆତଙ୍କବାଦ, ବିଚ୍ଛିନ୍ନତାବାଦ, ଉଗ୍ରବାଦ ଏହାର ପଥରେ ବଡ଼ ଚ୍ୟାଲେଞ୍ଜ । ଆତଙ୍କବାଦ କେବଳ ଗୋଟିଏ ଦେଶର ସୁରକ୍ଷା ପାଇଁ ଏକ ଚ୍ୟାଲେଞ୍ଜ ନୁହେଁ ବରଂ ସମଗ୍ର ମାନବଜାତି ପାଇଁ ଏକ ସାଧାରଣ ଚ୍ୟାଲେଞ୍ଜ । କୌଣସି ଦେଶ ଏଥିରୁ ନିଜକୁ ସୁରକ୍ଷିତ ବୋଲି ଭାବିପାରିବ ନାହିଁ । ଚୀନରେ ଅନୁଷ୍ଠିତ ଏସସିଓ ସମ୍ମିଳନୀରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି- 'ଭାରତ ଗତ ଚାରି ଦଶନ୍ଧି ଧରି ଆତଙ୍କବାଦର ଶିକାର ହୋଇଆସୁଛି । ସମ୍ପ୍ରତି, ଆମେ ପହଲଗାମରେ ଆତଙ୍କବାଦର ସବୁଠାରୁ ଖରାପ ରୂପ ଦେଖିଲୁ । ମୁଁ ସେହି ବନ୍ଧୁ ଦେଶ ପ୍ରତି ମୋର କୃତଜ୍ଞତା ପ୍ରକାଶ କରୁଛି ଯିଏ ଏହି ଦୁଃଖର ମୁହୂର୍ତ୍ତରେ ଆମ ସହିତ ଠିଆ ହୋଇଥିଲା ।' ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ 'ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଏକତା ଉପରେ ଗୁରୁତ୍ୱ ଦେଇଛି ।

## ଆମ ସାମଗ୍ରୀ ଭାରତରେ ବିକ୍ରି କରିବା କଷ୍ଟକର ହୋଇପଡୁଛି: ଟ୍ରମ୍ପ

ୱାସିଂଟନ,୧।୯ : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସସିଓ)ର ଶିଖର ସମ୍ମିଳନୀରେ ଯୋଗ ଦେଇ ଭାରତ ଫେରିଆସିଛନ୍ତି । କିନ୍ତୁ ଚୀନରେ ମୋଦି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ ରାଷ୍ଟ୍ରପତି ସି ଜିନ ପିଙ୍ଗଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ନେଇ ଚର୍ଚ୍ଚା ଏବେ ବି ଜାରି ରହିଛି । ଏସବୁ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତ ଆମେରିକୀୟ ସାମଗ୍ରୀ ଉପରୁ ଶୁଳକ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛି, କିନ୍ତୁ ଏସବୁ ଆଗରୁ କରିବାର ଥିଲା । ଭାରତ ଏତେ ଟାରିଫ ଲଗାଉଛି ଯେ ଆମ ସାମଗ୍ରୀ ଭାରତରେ ବିକ୍ରି କରିବା କଷ୍ଟକର ହୋଇପଡୁଛି । ଏହାଛଡ଼ା ଭାରତ ରୁଷରୁ ତେଲ ଓ ଅସ୍ତ୍ରଶସ୍ତ୍ର କିଣୁଛି, କିନ୍ତୁ ଆମେରିକାଠାରୁ ଏସବୁ ଅଧିକ କିଣୁନାହିଁ ।

## ମୋଦିଙ୍କ ପାଇଁ ୧୦ ମିନିଟ ଅପେକ୍ଷା କଲେ ପୁଟିନ



ନୂଆଦିଲ୍ଲୀ,୧।୯: ଭାରତ ଓ ରୁଷିଆ ମଧ୍ୟରେ ଥିବା ବନ୍ଧୁତ୍ୱର ଝଲକ୍ ପୁଣି ଥରେ ଦେଖିବାକୁ ମିଳିଛି । ସୋମବାର ଚୀନ୍‌ରେ ଚାଲିଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ବେଶ୍ ଖାସ୍ ରହିଥିଲା । ପ୍ରଧାନମନ୍ତ୍ରୀ ମୋଦି ସେଠାରେ ତାଙ୍କ ପ୍ରିୟ ବନ୍ଧୁ ତଥା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏକ କାର୍‌ରେ ବସି ଯାଉଥିବାର ଦେଖିବାକୁ ମିଳିଛି । ସୂଚନା ରହିଛି ଯେ ପୁଟିନ୍ ମୋଦିଙ୍କ ସହିତ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ ଓ ସେଥିପାଇଁ ୧୦ ମିନିଟ୍ ଅପେକ୍ଷା କରି ରହିଲେ । ପୁଣି ଦୁଇ ବନ୍ଧୁ ସାଙ୍ଗ ହୋଇ ଏକାଠି ଏକ କାରରେ ଗଲେ । ହୋଟେଲ୍‌ରେ ପହଞ୍ଚିବା ପରେ ବି ଦୁହେଁ ଗାଡ଼ି ଭିତରେ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ କଥାବାର୍ତ୍ତା ହୋଇଥିଲେ । ଦୁଇ ନେତାଙ୍କ ବନ୍ଧୁତ୍ୱ ଓ ପରସ୍ପର ସହ କଥାବାର୍ତ୍ତା ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ମୋଦି ଓ ପୁଟିନ୍ ଏସ୍‌ସିଓ ସମ୍ମିଳନୀସ୍ଥଳରୁ ନେଇ ହୋଟେଲ୍ ପର୍ଯ୍ୟନ୍ତ ସାଙ୍ଗ ହୋଇ ଯାତ୍ରା କରିଥିବାର ଦେଖିବାକୁ ମିଳିଛି । ଉଭୟ ମୋଦି ଓ ପୁଟିନ୍ ପରସ୍ପରକୁ ହସି ସ୍ୱାଗତ କରିଥିଲେ ଏବଂ ଏକାଠି ଆଗକୁ ବଢ଼ିଥିଲେ । ଏହି ସମୟରେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ପାଖରେ ଠିଆ ହୋଇଥିବା ଦେଖାଯାଇଥିଲା । କିନ୍ତୁ କେହି ତାଙ୍କ ପ୍ରତି ବିଶେଷ ଧ୍ୟାନ ଦେଇ ନଥିଲେ ।

# ଭୋଟର ତାଲିକାରୁ ନାଁ କାଟିବାକୁ ଅଧିକ ଆବେଦନ ଆସୁଛି : ନିର୍ବାଚନ କମିସନ



ନୂଆଦିଲ୍ଲୀ,୧।୯: ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର)ର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି । ଏହି ସମୟରେ ନିର୍ବାଚନ କମିସନ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ବିହାରରେ ଭୋଟର ତାଲିକାରୁ ନାଁ କାଟିବାକୁ ଅଧିକ ଆବେଦନ ଆସୁଛି । କମିସନନଙ୍କ ଏହି ଉତ୍ତର ଶୁଣି କୋର୍ଟ ମଧ୍ୟ ତାଜୁବ ହୋଇଯାଇଥିଲେ । ଏହି ଶୁଣାଣି ସମୟରେ, ଓକିଲ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ଡ୍ରାଫ୍ଟ ତାଲିକାରେ ବାଦ ପଡିଥିବା ଲୋକଙ୍କ ପାଇଁ ଆପତ୍ତି ଅଭିଯୋଗ ଦାଖଲ କରିବାର ସମୟ ସୀମା ବୃଦ୍ଧି କରାଯିବା ଉଚିତ ଏବଂ ଆଧାରକୁ ଅପର୍ଯ୍ୟାପ୍ତ ବୋଲି କହି ଦାବିକୁ ଖାରଜ କରାଯିବା ଉଚିତ ନୁହେଁ । ଆବେଦନକାରୀଙ୍କ ଏହି ଦାବି ଉପରେ, ନିର୍ବାଚନ କମିଶନଙ୍କ ପକ୍ଷରୁ ଓକିଲ ରାକେଶ ଦ୍ୱିବେଦୀ କହିଛନ୍ତି ଯେ ସମୟ ସୀମା ବୃଦ୍ଧି କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟା ବିଳମ୍ବ ହେବ । ରାକେଶ ଦ୍ୱିବେଦୀ କହିଛନ୍ତି, 'ରାଜନୈତିକ ଦଳଗୁଡ଼ିକ ନାମ ଯୋଡିବା ଅପେକ୍ଷା ନାମ ବାଦ ଦେବା ପାଇଁ ଅଧିକ ଆବେଦନ କରୁଛନ୍ତି । ଏହା ପ୍ରମାଣ କରେ ଯେ ଆମର ପ୍ରକ୍ରିୟା ସଠିକ୍ ।' ସେ କୋର୍ଟଙ୍କୁ କହିଥିଲେ ଯେ ମୃତ୍ୟୁ ଭଳି ଅନେକ ଜିନିଷକୁ ଆଧାର କରାଯାଇ ନାଁ କାଟିବାକୁ ଆବେଦନ କରାଯାଉଛି । ଅନେକ କ୍ଷେତ୍ରରେ, ଭୋଟରମାନେ ନିଜେ ଆସି କହୁଛନ୍ତି ଯେ ସେମାନଙ୍କ ନାମ ଅନ୍ୟ କୌଣସି ସ୍ଥାନରେ ଭୋଟର ତାଲିକାରେ ଅଛି, ତେଣୁ ଏହାକୁ ଏଠାରୁ ବାଦ ଦିଆଯିବା ଉଚିତ ।

# ଖୁବ୍ ଶୀଘ୍ର ଫୁଟିବ ହାଇଡ୍ରୋଜନ ବୋମା: ରାହୁଲ




ପାଟନା ୧।୯: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କଥିତ 'ଭୋଟ ଚୋରି' ଅଭିଯୋଗର ନୂଆ ପର୍ଦ୍ଦାଫାସ କରିବେ ବୋଲି ସୋମବାର ସଂକେତ ଦେଇଛନ୍ତି ଓ ମହାଦେବପୁରାର ଆଟମ ବୋମା ପରେ ଏଥର ହାଇଡ୍ରୋଜନ ବୋମା ବିସ୍ଫୋରଣ ହେବ ବୋଲି କହିଛନ୍ତି । ତେବେ ବିଜେପି ଏ ନେଇ ରାହୁଲଙ୍କୁ ପାଲଟା ଆକ୍ରମଣ କରିଛି । କହିଛି ଏପରି ଦାବି କରିବା ବିରୋଧୀ ଦଳ ନେତାଙ୍କ ଦାୟିତ୍ୱ ହୀନତା । ରାହୁଲ ଗାନ୍ଧି ସୋମବାର ପାଟନାରେ ତାଙ୍କ ଭୋଟ ଅଧିକାର ଯାତ୍ରାର ସମାପନ ଅବସରରେ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ 'ଯେତେବେଳେ ଆମେ ଭୋଟ ଚୋରିର ହାଇଡ୍ରୋଜନ ବୋମା ଆଣିବୁ ସେମାନେ ଲୋକଙ୍କୁ ନିଜର ମୁହଁ ଦେଖାଇ ପାରିବେନି' । ତେବେ କଂଗ୍ରେସ ନେତା ଏଥର କେଉଁ ନିର୍ବାଚନମଣ୍ଡଳିକୁ ଟାର୍ଗେଟ୍ କରିବେ ସେ ନେଇ କିଛି କହିନାହାନ୍ତି । ସେ କେବଳ କହିଛନ୍ତି ଯେ ମୁଁ ବିଜେପି ଲୋକଙ୍କୁ କହିବାକୁ ଚାହୁଁଛି 'ପ୍ରସ୍ତୁତ ରୁହ ହାଇଡ୍ରୋଜନ ବୋମା ଆସୁଛି । ଲୋକଙ୍କୁ ଖୁବ୍ ଶୀଘ୍ର ଭୋଟ ଚୋରିର ବାସ୍ତବତା ଜଣାପଡିଯିବ' । ରାହୁଲ କହିଛନ୍ତି ଯେ 'ମୁଁ ଆପଣଙ୍କୁ ଗ୍ୟାରେଣ୍ଟି ଦେଉଛି ଆଗାମୀ ସମୟରେ ହାଇଡ୍ରୋଜନ ବୋମା ଆସିବା ପରେ ନରେନ୍ଦ୍ର ମୋଦି ଦେଶକୁ ନିଜର ମୁହଁ ଦେଖାଇ ପାରିବେନି' । ସେ କହିଛନ୍ତି ଚୀନ୍ ଓ ଆମେରିକାରେ ଲୋକେ 'ଭୋଟ ଚୋରି' ଅଭିଯୋଗକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇସ୍ତଫା ଦାବି କରୁଛନ୍ତି । ନିର୍ବାଚନୀ ରାଜ୍ୟର ଯୁବକଙ୍କୁ ସତର୍କ କରି ରାହୁଲ କହିଛନ୍ତି ଯେ 'ମୁଁ ବିହାରର ଯୁବକମାନଙ୍କୁ କହି ରଖୁଛି ଭୋଟ ଚୋରି ଅର୍ଥାତ ଅଧିକାରର ଚୋରି, ଗଣତନ୍ତ୍ରର ଚୋରି ଓ ରୋଜଗାରର ଚୋରି । ସେମାନେ ତୁମର ରାସନ କାର୍ଡ ଓ ଅନ୍ୟ ଅଧିକାର ମଧ୍ୟ ଛଡେଇ ନେବେ' । ରାହୁଲଙ୍କ ଏହି ଟିପ୍ପଣୀ ଇଣ୍ଡିଆ ବ୍ଲକ୍ ସହଯୋଗୀଙ୍କ ଦ୍ୱାରା ଆଗାମୀ ରାଜ୍ୟ ନିର୍ବାଚନ ପୂର୍ବରୁ ବିହାରର ୨୫ ଜିଲ୍ଲା ଓ ୧୧୦ ବିଧାନସଭା ନିର୍ବାଚନମଣ୍ଡଳି ଅତିକ୍ରମ କରି ୧,୩୦୦ କିଲୋମିଟରଦୀର୍ଘ ଭୋଟ ଅଧିକାର ଯାତ୍ରାର ସମାପନ ପରେ ଆସିଛି ।

## ଜଳବାୟୁ ପରିବର୍ତ୍ତନ ଯୋଗୁଁ ୨୦୨୫ରେ ୟୁରୋପରେ ରେକର୍ଡ ସଂଖ୍ୟକ ଜଙ୍ଗଲ ଜଳିଛି

ବ୍ରସେଲ୍ସ,୧।୯: ୟୁରୋପରେ ୨୦୨୫ରେ ରେକର୍ଡ ସଂଖ୍ୟକ ଜଙ୍ଗଲ ନିଆଁ ଲାଗିଛି ଏବଂ ବିଶେଷଜ୍ଞମାନେ ଏଥିପାଇଁ ଜଳବାୟୁ ପରିବର୍ତ୍ତନକୁ ଦାୟି କରିଛନ୍ତି । ଅଧିକ ତାପମାତ୍ରା ଓ କମ୍ ବୃଷ୍ଟିପାତ ସମଗ୍ର ମହାଦେଶର ଜଙ୍ଗଲ ନିଆଁକୁ ବଢ଼ାଉଛି । ଚଳିତ ବର୍ଷ ୟୁରୋପରେ ନିଆଁ ଲାଗି ୧୦ ଲକ୍ଷ ହେକ୍ଟରରୁ ଅଧିକ ଜଙ୍ଗଲ ନଷ୍ଟ ହୋଇଛି । ଏହା ୨୦୨୪ ତୁଳନାରେ ଚାରିଗୁଣରୁ ଅଧିକ ବୋଲି ୟୁରୋ ନ୍ୟୁଜ୍ କହିଛି । ୟୁରୋପୀୟ ସଂଘର ରିପୋର୍ଟ ଅନୁସାରେ ମୋଟ ୧,୮୦୦ରୁ ଅଧିକ ଜଙ୍ଗଲ ନିଆଁ ଲାଗିଛି, ଯାହା ୩୮ ନିୟୁତ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗତ କରିଛି । ୟୁରୋପୀୟ ସଂଘର ୨୭ଟି ସଦସ୍ୟ ରାଷ୍ଟ୍ର ମଧ୍ୟରୁ କେବଳ ଚେକ୍ ରିପବ୍ଲିକ୍, ଏସ୍ତୋନିଆ, ଲିଥୁଆନିଆ, ଲକ୍ସେମବର୍ଗ ଓ ମାଲ୍ଟାରେ ନିଆଁ ଲାଗିନାହିଁ । ତାଲିକାର ଶୀର୍ଷରେ ଥିବା ଇଟାଲୀ ଓ ରୋମାନିଆରେ ୪୫୦ରୁ ଅଧିକ ଅଗ୍ନିକାଣ୍ଡ ରେକର୍ଡ କରାଯାଇଛି । ତେବେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଶ ସବୁବେଳେ ସବୁଠାରୁ ଅଧିକ ନିଆଁ ଲାଗିଥିବା ଦେଶ ନୁହେଁ । ଉଦାହରଣ ସ୍ୱରୂପ ସାଇପ୍ରସ ମାତ୍ର ତିନୋଟି ଅଗ୍ନିକାଣ୍ଡ ରିପୋର୍ଟ କରିଥିଲା, କିନ୍ତୁ ସେଗୁଡ଼ିକ ବିଶେଷ ଭାବରେ ଭୟଙ୍କର ଥିଲା । ୟୁରୋ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ଜାନୁଆରି ମାସରୁ ସ୍ପେନ୍‌ରେ ୪,୦୦,୦୦୦ ହେକ୍ଟରରୁ ଅଧିକ ଜଙ୍ଗଲରେ ନିଆଁ ଲାଗିଛି । ୟୁରୋପୀୟ ସେଣ୍ଟର ଫର୍ ମିଡିୟମ୍ ରେଞ୍ଜ ୱେଦରର ବୈଜ୍ଞାନିକ ମାର୍କ ପାରିଙ୍ଗଟନ କହିଛନ୍ତି, ଯେଉଁଠାରେ ଜଳବାୟୁ ଅନିୟମିତତା ଯୋଗୁ ପରିବେଶ ଅଧିକ ଶୁଖିଲା ଓ ଗରମ ରହୁଛି ସେଠାରେ ଅଧିକ ନିଆଁ ଲାଗୁଛି । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ମୁଖ୍ୟତଃ ଭୟଙ୍କର ନିଆଁ ଋତୁ ପାଇଁ ଦାୟୀ । ୟୁରୋପୀୟ ଫରେଷ୍ଟ ଇନଷ୍ଟିଚ୍ୟୁଟର ଅଗ୍ନି ପରିଚାଳନା ବିଶେଷଜ୍ଞ ଆଲେକଜାଣ୍ଡର ହେଲ୍ଡ କହିଛନ୍ତି ଯେ ଅଗ୍ନିକାଣ୍ଡ ଘଟାଇବା ପାଇଁ ପାଣିପାଗ ସ୍ଥିତି, ଭୌଗୋଳିକ ସ୍ଥିତି, ଉଦ୍ଭିଦ, ବାୟୋମାସ୍ ଓ ଇନ୍ଧନ ସମେତ ଅନେକ କାରଣ ଆବଶ୍ୟକ ।

## ସନାସ୍ଥିତ ୟୁଏନ କାର୍ଯ୍ୟାଳୟ ଉପରେ ହୁତୀ ବିଦ୍ରୋହୀଙ୍କ ଚଢ଼ଉ, ୧୧ କର୍ମଚାରୀ ବନ୍ଧକ

ସନା ୧।୯: ଇରାନ ସମର୍ଥିତ ହୁତୀ ବିଦ୍ରୋହୀମାନେ ୟେମେନ ରାଜଧାନୀ ସନାସ୍ଥିତ ମିଳିତ ଜାତିସଂଘ (ୟୁଏନ)ର ୩ଟି କାର୍ଯ୍ୟାଳୟ ଉପରେ ମିଳିତ ଚଢଉ କରିଛନ୍ତି । ଏହି ଚଢଉ କାଳରେ ସେମାନେ ୟୁଏନ ଅଫିସମାନଙ୍କରେ କାମ କରୁଥିବା ୧୧ ଜଣ କର୍ମଚାରୀଙ୍କୁ ବନ୍ଧକ କରିଛନ୍ତି । ଫଳରେ ଏହା ଏବେ ସ୍ଥାନୀୟ ଓ ବୈଶ୍ୱିକ ସ୍ତରରେ ଚିନ୍ତାର କାରଣ ପାଲଟିଛି । ହୁତୀମାନଙ୍କ ଏହି ପଦକ୍ଷେପକୁ ନିକଟରେ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଥିବା ହୁତୀ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମଣ୍ଡଳର କେତେକ ମନ୍ତ୍ରୀଙ୍କ ମୃତ୍ୟୁ ସହ ଯୋଡି ଦେଖାଯାଉଛି । ହୁତୀ ସୁରକ୍ଷା ବଳ ସନାସ୍ଥିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫପି), ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁ ଏଚଓ) ଏବଂ ୟୁନିସେଫ କାର୍ଯ୍ୟାଳୟମାନଙ୍କ ଉପରେ ଚଢଉ କରିଥିଲେ । ସେମାନେ କାର୍ଯ୍ୟାଳୟକୁ ପଶି ଜୋର ଜବରଦସ୍ତ କର୍ମଚାରୀଙ୍କୁ ବାହାରକୁ ଡାକି ପାର୍କିଂରେ ପଚରା ଉଚରା କରିବା ସହ ବନ୍ଧକ କରିଛନ୍ତି । ୟୁନିସେଫ ମୁଖପାତ୍ର ଅମ୍ମାର ଅମ୍ମାର ଏହି ଘଟଣା ପୁଷ୍ଟି କରିଥିବା ବେଳେ ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ମଧ୍ୟ ବନ୍ଧକ କରାଯାଇଥିବା ସୂଚିତ କରିଛନ୍ତି । ଏଣୁ ତାଙ୍କ ଏଜେନ୍ସୀ ସନା ଓ ଅନ୍ୟ ହୁତୀ ନିୟନ୍ତ୍ରିତ ଅଞ୍ଚଳରେ କର୍ମଚାରୀଙ୍କ ଗଣନା (ହେଡ କାଉଣ୍ଟ) ଆରମ୍ଭ କରିଥିବା କହିଛନ୍ତି ।

## ଅଗଷ୍ଟରେ ଜିଏସଟି ଆଦାୟ୧.୮୬ ଲକ୍ଷ କୋଟି

ନୂଆଦିଲ୍ଲୀ,୧।୯: ଭାରତ ଅଗଷ୍ଟ ମାସରେ ଜିଏସଟି ଆଦାୟ ୧.୮୬ ଲକ୍ଷ କୋଟି ସଂଗ୍ରହ କରିଛି, ଯାହା ଗତ ବର୍ଷ ଏହି ମାସ ତୁଳନାରେ ୬.୫% ଅଧିକ । ତେବେ, ଏହା ଜୁଲାଇର ୧.୯୬ ଲକ୍ଷ କୋଟି ତୁଳନାରେ କମ । ଏପ୍ରିଲ ୨୦୨୫ରେ ଜିଏସଟି ଆଦାୟ ସର୍ବକାଳୀନ ସର୍ବାଧିକ ୨.୩୭ ଲକ୍ଷ କୋଟି ଥିଲା । ଅଗଷ୍ଟରେ ଘରୋଇ ରାଜସ୍ୱ ୯.୬% ବୃଦ୍ଧି ପାଇ ରୁ. ୧.୩୭ ଲକ୍ଷ କୋଟି ହୋଇଥିବା ବେଳେ, ଆମଦାନୀରୁ ଆଦାୟ ହୋଇଥିବା କର ୧.୨% ହ୍ରାସ ପାଇ ରୁ. ୪୯,୩୫୪ କୋଟି ରହିଛି । ସରକାର ୧୯,୩୫୯ କୋଟି ରିଫଣ୍ଡ ପ୍ରଦାନ କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ୨୦% କମ । ନେଟ ଜିଏସଟି ରାଜସ୍ୱ ୧୦.୭% ବୃଦ୍ଧି ପାଇ ୧.୬୭ ଲକ୍ଷ କୋଟି ହୋଇଛି ।ଏହି ତଥ୍ୟ ସେପ୍ଟେମ୍ବର ୩-୪ରେ ଅନୁଷ୍ଠିତ ଜିଏସଟି ପରିଷଦ ବୈଠକ ପୂର୍ବରୁ ପ୍ରକାଶ ପାଇଛି, ଯେଉଁଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ରାଜ୍ୟ ଅର୍ଥମନ୍ତ୍ରୀମାନେ ବ୍ୟବସ୍ଥା ଆଲୋଚନା କରିବେ ।

## ରୁଷୀୟ ତେଲ କିଣିବା ଉପରେ ତାଚ୍ଛଲ୍ୟ କଲେ ଟ୍ରମ୍ପଙ୍କ ପରାମର୍ଶଦାତା

# ସାଧାରଣ ଲୋକଙ୍କ ଖର୍ଚ୍ଚରେ ବ୍ରାହ୍ମଣମାନେ ଲାଭବାନ



ନୂଆଦିଲ୍ଲୀ,୧।୯: ଭାରତରେ ସାମ୍ପ୍ରଦାୟିକ ହିଂସାକୁ ଉସକାଇବାକୁ ଚାହୁଁଛି ଆମେରିକା । ରୁଷୀୟ ତେଲ କିଣି ଭାରତ ଲାଭ କରୁଥିବା ଅଭିଯୋଗ କରିଛନ୍ତି ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ । କ୍ରେମଲିନ ପାଇଁ ଭାରତ ଟଙ୍କା ଲଣ୍ଡରିଂ ମେସିନ ବ୍ୟତୀତ ଆଉ କିଛି ନୁହେଁ ବୋଲି ସେ କହିଛନ୍ତି । ଏପରିକି ବ୍ରାହ୍ମଣ ଜାତିଙ୍କୁ ତାଚ୍ଛଲ୍ୟ କରିବାକୁ ପଛାଇନାହାନ୍ତି ନାଭାରୋ । କହିଛନ୍ତି ବ୍ରାହ୍ମଣମାନେ ଭାରତୀୟ ଲୋକଙ୍କ ଖର୍ଚ୍ଚରେ ଲାଭ ପାଉଛନ୍ତି । ଆମକୁ ଏହାକୁ ବନ୍ଦ କରିବାକୁ ପଡିବ । ନାଭାରୋ ଅଭିଯୋଗ କରିଛନ୍ତି ଯେ ଭାରତୀୟ ରିଫାଇନାରୀଗୁଡ଼ିକ ଶସ୍ତା ହାରରେ ରୁଷୀୟ ଅଶୋଧିତ ତେଲ କିଣୁଛନ୍ତି, ଏବଂ ଏହାକୁ ବିଶୋଧନ କରିବା ପରେ ସେମାନେ ଏହାକୁ ଅଧିକ ମୂଲ୍ୟରେ ରପ୍ତାନି କରୁଛନ୍ତି । ପିଟର ଦାବି କରିଛନ୍ତି ଯେ ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ରୁଷଠାରୁ ଅଧିକ ତେଲ କିଣୁ ନଥିଲା, କିନ୍ତୁ ବର୍ତ୍ତମାନ ଏହା ରୁଷୀୟ ଯୁଦ୍ଧ ମେସିନକୁ ପ୍ରୋତ୍ସାହିତ କରୁଛି । ଏହା ଯୋଗୁଁ ୟୁକ୍ରେନର ଲୋକଙ୍କୁ ହତ୍ୟା କରାଯାଉଛି । ଯେତେବେଳେ କରଦାତା ଭାବରେ ଆମର କ'ଣ କରିବାର ଅଛି ? ଆମକୁ ସେମାନଙ୍କୁ ଅଧିକ ଟଙ୍କା ପଠାଇବାକୁ ପଡିବ । ନାଭାରୋ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିବାର ଟ୍ରମ୍ପଙ୍କ ନିଷ୍ପତ୍ତିକୁ ମଧ୍ୟ ସମର୍ଥନ କରିଥିଲେ । ଏହା ସହିତ ଦାବି କରିଥିଲେ ଯେ ମସ୍କୋ ଏବଂ ବେଜିଂ ସହିତ ନୂଆଦିଲ୍ଲୀର ସମ୍ପର୍କ ବିଶ୍ୱ ସ୍ଥିରତାକୁ ଦୁର୍ବଳ କରୁଛି । ନାଭାରୋ କହିଛନ୍ତି, ମୋଦି ଜଣେ ମହାନ ନେତା, ମୁଁ ବୁଝିପାରୁନାହିଁ ଯେ ସେ ପୁଟିନ ଏବଂ ସି ଜିନପିଙ୍ଗଙ୍କୁ କାହିଁକି ଭେଟୁଛନ୍ତି, ଯଦିଓ ଏହା ବିଶ୍ୱର ସର୍ବବୃହତ ଗଣତନ୍ତ୍ର । ନାଭାରୋ ବୟାନ ଏପରି ସମୟରେ ଆସିଛି ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଏସସିଓ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଚୀନରେ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଥିଲେ । ଏହା ୭ ବର୍ଷ ମଧ୍ୟରେ ମୋଦିଙ୍କ ପ୍ରଥମ ଚୀନ୍ ଗସ୍ତ ଥିଲା । ଅଗଷ୍ଟ ୨୯ ତାରିଖରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ କହିଥିଲେ ଯେ ଭାରତ ଉପରେ ଶୁଳ୍କ ଲାଗୁ କରି ପୁଟିନଙ୍କ ଯୁଦ୍ଧ ମେସିନକୁ ଆର୍ଥିକ ସହାୟତା ବନ୍ଦ କରିଦିଆଯାଇଛି । ଅଗଷ୍ଟ ୨୮ ତାରିଖରେ ନାଭାରୋ ରୁଷ-ୟୁକ୍ରେନ ବିବାଦକୁ ମୋଦିଙ୍କ ଯୁଦ୍ଧ ବୋଲି କହିଥିଲେ । ନାଭାରୋ ଅଭିଯୋଗ କରିଥିଲେ ଯେ ଭାରତ ରୁଷରୁ ତେଲ କିଣି ଏହି ଯୁଦ୍ଧକୁ ଇନ୍ଧନ ଦେଉଛି ।

## ଟ୍ରମ୍ପ ପ୍ରଶାସନକୁ କେନ୍ଦ୍ରମନ୍ତ୍ରୀଙ୍କ ଜବାବ

# ଭାରତ ନିୟମ ପାଳନ କରିଛି, ରୁଷ ତେଲରୁ ଲାଭ ଉଠାଇନି'



ନୂଆଦିଲ୍ଲୀ,୧।୯: ହ୍ୱାଇଟ୍ ହାଉସ୍‌ର ବାଣିଜ୍ୟିକ ପରାମର୍ଶଦାତା ପିଟର୍ ନଭାରୋଙ୍କ ଲଣ୍ଡ୍ରୋମାଟ୍ ଟିପ୍ପଣୀକୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଖଣ୍ଡନ କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ୟୁକ୍ରେନ ଯୁଦ୍ଧ ବେଳେ ରୁଷ ତେଲ କିଣିବାରେ ଭାରତ କୌଣସି ନିୟମ ଉଲ୍ଲଂଘନ କରି ନାହିଁ । ଭାରତର ଉର୍ଜା ବ୍ୟାପାର ନୀତି ବୈଶ୍ୱିକ ବଜାରକୁ ସ୍ଥିର ରଖିବା ଓ ମୂଲ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଛି । କେନ୍ଦ୍ରମନ୍ତ୍ରୀ ପୁରୀ ଏକ ଆଲେଖ୍ୟରେ ଲେଖିଛନ୍ତି, 'ଭାରତ କୌଣସି ଲାଭ କରି ନାହିଁ । ସେ ସ୍ପଷ୍ଟ କରିଛନ୍ତି ଯେ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣର ବହୁ ଆଗରୁ ଭାରତ ଦୁନିଆର ଚତୁର୍ଥ ସର୍ବବୃହତ୍ତ ପେଟ୍ରୋଲିୟମ୍ ସାମଗ୍ରୀ ରପ୍ତାନକାରୀ ଦେଶ ହୋଇଥିଲା । ଯୁଦ୍ଧ ପରେ ବି ଭାରତ ରପ୍ତନୀ ଓ ଲାଭ ପ୍ରାୟ ସମାନ ରହିଛି । ସେ ଲେଖିଛନ୍ତି, କିଛି ସମାଲୋଚକ ଅଭିଯୋଗ କରନ୍ତି ଯେ ଭାରତ, ରୁଷ ତେଲ୍ ପାଇଁ ଲଣ୍ଡ୍ରୋମାଟ୍ ହୋଇଛି । ଏହା ସବୁଠାରୁ ବଡ଼ ଭୁଲ ସୂଚନା । ୟୁକ୍ରେନ୍ ଯୁଦ୍ଧ ପରେ ରୁଷଠାରୁ ତେଲ ଆମଦାନୀ ଏକ ପ୍ରତିଶତରୁ ବଢ଼ି ୪୦ ପ୍ରତିଶତ ଯାଏ ପହଞ୍ଚିଛି, କାରଣ ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ରୁଷ ଉପରେ ଲଗା ଯାଇଥିବା କଟକଣା ଯୋଗୁଁ ଭାରତରୁ ରିହାତିରେ ତେଲ ମିଳିଥିଲା । ଏହାଦ୍ୱାରା ଭାରତକୁ ଶସ୍ତାରେ ଉର୍ଜା ମିଳିଥିଲୁ, କିନ୍ତୁ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏହାକୁ ସମାଲୋଚନା କରୁଛି । ରୁଷ ତେଲ୍‌କୁ ରିଫାଇନ୍ କରି ଭାରତ ୟୁରୋପୀୟ ଦେଶଗୁଡ଼ିକ ରପ୍ତାନୀ କରି ଲାଭ ପାଉଥିବା ଆମେରିକା ଅଭିଯୋଗ କରିଛି । ଗତ ସପ୍ତାହରେ ପିଟର୍ ଏକ୍ସରେ ଅନେକ ପୋଷ୍ଟ କରି ୟୁକ୍ରେନ ଯୁଦ୍ଧକୁ 'ମୋଦିଙ୍କ ଯୁଦ୍ଧ' ବୋଲି ଉଲ୍ଲେଖ କରିଥିଲେ । ପୁଟିନଙ୍କ ଯୁଦ୍ଧ ମେସିନ୍‌କୁ ଭାରତ ଫଣ୍ଡିଂ କରୁଥିବା ସେ କହିଥିଲେ । କେନ୍ଦ୍ରମନ୍ତ୍ରୀ ପୁରୀ ଏହାର ଜବାବରେ କହିଛନ୍ତି, ଇରାନ କମ୍ବା ଭେନେଜୁଏଲା ପରି ରୁଷ ତେଲ ଉପରେ ସିଧାସଳଖ କୌଣସି କଟକଣା ନାହିଁ । ସେ ଲେଖିଛନ୍ତି, ରୁଷ ତେଲ୍ ଉପରେ ଜି-୭ ଓ ୟୁରୋପୀୟ ସଂଘ ପକ୍ଷରୁ ଏକ ମୂଲ୍ୟ ସୀମା ବ୍ୟବସ୍ଥା ଲାଗୁ କରାଯାଇଛି । ଏହାର ଉଦ୍ଦେଶ୍ୟ ତେଲ ଯୋଗାଣକୁ ଜାରି ରଖିବା ଓ ରୁଷର ଆୟକୁ ସୀମିତ କରିବା । ଭାରତ ସବୁ ନିୟମକୁ ପାଳନ କରିଛି । କେନ୍ଦ୍ରମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ଭାରତର ପ୍ରତିଟି ନେଣଦେଣ ବୈଧ ଅଟେ । ଭାରତ କୌଣସି ନିୟମ ଭାଙ୍ଗି ନାହିଁ, ବରଂ ବିଶ୍ୱ ବିଜାରକୁ ସ୍ଥିର କରିଛି ଓ ମୂଲ୍ୟ ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରିଛି ।

## ନାବାଳିକାଙ୍କୁ ଅପହରଣ କରି ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ଜଣେ ନାବାଳିକାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଅପହରଣ କରିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଦିଲ୍ଲୀରେ ଛାଡ଼ି ଆସିବା ଅଭିଯୋଗରେ ପାହଳ ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ରଜତ କୁମାର ସାହୁ (୩୫) ଓ ତାଙ୍କ ଘର ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରରେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ୧୪ ବର୍ଷର ଝିଅ ଅଛି, ଯାହାକୁ ସେ ପିଲାଦିନରୁ ପୋଷ୍ୟ ଭାବରେ ଗ୍ରହଣ କରିଥିଲେ । ଗତ ଏପ୍ରିଲ ୬ ତାରିଖ ଅଟଳ ବଜାରର ଜଣେ ଫାଷ୍ଟଫୁଡ୍ ଦୋକାନ ମାଲିକ ଅଭିଯୁକ୍ତ ଗଣେଶ ମଲ୍ଲିକ ରାତିରେ ନାବାଳିକା ଝିଅକୁ ଅପହରଣ କରିଥିଲେ ଏବଂ ତାଙ୍କ ଘରୁ ସୁନା/ରୂପା ଅଳଙ୍କାର ଏବଂ ଏକ ମୋବାଇଲ୍ ଫୋନ୍ ଚୋରି କରିଥିଲେ । ତେଣୁ, ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲା ପଞ୍ଜିକୃତ ହୋଇଥିଲା । ତଦନ୍ତରୁ ଜଣାପଡିଛି ଯେ, ପୀଡିତାଙ୍କୁ ଅପହରଣ କରିବା ପରେ, ଅଭିଯୁକ୍ତ ଗଣେଶ ମଲ୍ଲିକ ତାଙ୍କୁ ଦିଲ୍ଲୀର ଶାସ୍ତ୍ରୀ ନଗରକୁ ନେଇଯାଇଥିଲେ, ଯେଉଁଠାରେ ସେମାନେ ତାଙ୍କ ସଂପର୍କୀୟଙ୍କ ଘରେ ରହିଥିଲେ । ପରେ, ସେ ପୀଡିତାଙ୍କୁ ଛାଡି ସେଠାରୁ ପଳାଇ ଯାଇଥିଲେ । ପରର୍ବତ୍ତୀ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ରଜତ କୁମାର ସାହୁ, ଯିଏ ପୂର୍ବରୁ ପୀଡିତାଙ୍କ ଟ୍ୟୁସନ୍ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ସହିତ ଏକପାଖିଆ ସଂପର୍କ ରଖୁଥିଲେ, ପୀଡିତାଙ୍କୁ ଦିଲ୍ଲୀର ଶାସ୍ତ୍ରୀ ନଗରରେ ଏକ ଭଡା ଘରେ ରଖିଥିଲେ । ବିଶ୍ୱସ୍ତ ସୂଚନା ପାଇବା ପରେ, ଏକ ପୋଲିସ ଟିମ ଉଦ୍ଧାର ପାଇଁ ଦିଲ୍ଲୀ ଯାଇଥିଲେ । ସୋମବାର ପୀଡିତାଙ୍କୁ ଭୁବନେଶ୍ୱରରୁ ଅଭିଯୁକ୍ତ ରଜତ କୁମାର ସାହୁଙ୍କ ସହିତ ଉଦ୍ଧାର କରାଯାଇଥିଲା । ସେ ନାବାଳିକାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଅପହରଣ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଏହି ମାମଲାରେ ଅଭିଯୁକ୍ତ ଗଣେଷ ଫେରାର ଥିବା ବେଳେ ତାଙ୍କୁ ଖୁବ୍‌ଶ୍ରୀଘ ଗିରଫ କରାଯିବ ବୋଲି ଥାନାଧିକାରୀ ଅଶ୍ୱିନୀ ଜେନା ସୂଚନା ଦେଇଛନ୍ତି ।

---

## ବ୍ଲକ ସମ୍ମୁଖରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ଗୋଲାମୁଣ୍ଡା(ନିପ୍ର): ଗୋଲାମୁଣ୍ଡ ବ୍ଲକ୍ ସମ୍ମୁଖରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ବିଗତ କିଛି ଦିନ ହେବ ବିହାର ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରିବା ପାଇଁ କଂଗ୍ରେସ ନେତା ଓ କଂଗ୍ରେସର ସହଯୋଗୀ ଦଳଗୁଡିକ ନିର୍ବାଚନ କମିଶନ୍ ଦ୍ୱାରା ଲାଗୁ ହୋଇଥିବା ଏସଆଇଆର ବିରୋଧରେ ରାଲି ଓ ଜନସଭାର ଆୟୋଜନ କରି ଭୋଟରଙ୍କୁ ବିଭ୍ରାନ୍ତ କରିବା ପାଇଁ ଅପଚେଷ୍ଟା ଚଳାଇଥିବା ଅଭିଯୋଗ ହୋଇଛି । ବିହାର ଜନତାଙ୍କ ସମର୍ଥନ ମିଳୁନଥିବା କାରଣରୁ ହତାଶ ଓ ନିରାଶା ହୋଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶେଷରେ ନିଜ ମର୍ଯ୍ୟାଦାର ସୀମା ଉଲଂଘନ କରି ଦେଶର ପ୍ରଧାନମନ୍ତ୍ରୀ ଓ ତାଙ୍କ ମା'ଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଓ ଅସଭ୍ୟ ଭାଷାର ପ୍ରୟୋଗ କରୁଥିବା ସମସ୍ତ ଗଣମାଧ୍ୟମ ଓ ସମ୍ବାଦ ପତ୍ରରେ ପ୍ରକାଶିତ ହେଉଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏହି ଘୃଣ୍ୟ କାର୍ଯ୍ୟ ବିରୋଧରେ, ଗୋଲାମୁଣ୍ଡା ଠାରେ ଭାରତୀୟ ଜନତା ପାର୍ଟି ଗୋଲାମୁଣ୍ଡା ବ୍ଲକ ତରଫରୁ ତୀବ୍ର ପ୍ରତିବାଦ ସହ କଡ଼ା ନିନ୍ଦା କରାଯାଇ ଗୋଲାମୁଣ୍ଡା ବ୍ଲକ ସମ୍ମୁଖରେରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଏହି ପ୍ରତିବାଦ ସଭାରେ ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

---

## ସି-ସୋର ଚିଟଫଣ୍ଡ ମାମଲା
## ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ(ନିପ୍ର): ସିସୋର ଚିଟଫଣ୍ଡ ମାମଲାର ଆଜି ହାଇକୋର୍ଟରେ ଶୁଣାଣି ହୋଇଥିଲା । ପୂର୍ବତନ ବାଲେଶ୍ୱର ସାଂସଦ ରବିନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ କୋର୍ଟ ବଳବତ୍ତର ରଖିଛନ୍ତି । ଗତ ଜୁଲାଇ ୨୮ ତାରିଖରେ ରବିନ୍ଦ୍ର ଜେନାଙ୍କୁ ସିବିଆଇ ଜେରା କରିଥିବା ଶୁଣାଣି ବେଳେ ସେ ହାଇକୋର୍ଟକୁ ଅବଗତ କରିଥିଲେ । ତଦନ୍ତରେ ସହଯୋଗ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରବିନ୍ଦ୍ରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ କୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି ।

---

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କଟକ(ନିପ୍ର): କିଶନ ନଗର ତହସିଲ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୪୭ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥି ସହ ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସଂପଦ ଆଦି ସଂପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୮ ତାରିଖରେ ବାରଙ୍ଗ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

### ହ୍ୟୁଜ୍ ଆପ୍‌ରେ ଟଙ୍କା ଠକେଇ ଘଟଣା
# ଓଡ଼ିଶା ମୁଖ୍ୟ ଗିରଫ
### ■ ୩ ମୋବାଇଲ, ୬୮ ହଜାର ଟଙ୍କା ସହ ପୋଷ୍ଟର ଜବତ

କଟକ(ନିପ୍ର): ହ୍ୟୁଜ ଆପରେ ଟଙ୍କା ରୋଜଗାର କରିବା ଲୋଭ ଦେଖାଇ ଶହ ଶହ ବ୍ୟକ୍ତିଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେବା ଘଟଣାରେ କଟକ ସାଇବର ଥାନା ପୋଲିସ ଆପର ଓଡ଼ିଶା ମୁଖ୍ୟଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଦାସି ଗ୍ରାମର ପାର୍ଥସାରଥୀ ଦାସ (୬୪) । ଅଭିଯୁକ୍ତ ଠାରୁ ପୋଲିସ ୩ଟି ମୋବାଇଲ, ନଗଧ ୬୮ ହଜାର ଟଙ୍କା, ହ୍ୟୁଜ ମାର୍କେଟିଙ୍ଗ ଲିମିଟେଡ଼ର ପ୍ରାଧୀକରଣ ପ୍ରମାଣପତ୍ର ଓ ପୋଷ୍ଟର ଜବତ କରିଛି । ଏହାଛଡ଼ା ପୋଲିସ ଅଭିଯୁକ୍ତ ପାର୍ଥସାରଥୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ୨ଲକ୍ଷ ୫୧ହଜାର ଟଙ୍କାକୁ ଫ୍ରିଜ କରିଦେଇଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ସୂଚନା ମୁତାବକ, ଗତ ଅଗଷ୍ଟ ୨୮ ତାରିଖରେ ସ୍ଥାନୀୟ ଦରଘା ବଜାର ଥାନା ଅନ୍ତର୍ଗତ କଦମରସୁଲ ଅଂଚଳର ମିର୍ଜା ଅଲି ବେଗ ଥାନାରେ ଏକ ଅଭିଯୋଗ ଦାୟର କରିଥିଲେ । ଶ୍ରୀ ବେଗ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ ଯେ, ୨ ମାସ ଧରି ହ୍ୟୁଜ ଆପ ନାମକ ଏକ ମୋବାଇଲ ଆପଲିକେଶନ ଆପ ବଜାରରେ କାର୍ଯ୍ୟ କରୁଛି । ତାଙ୍କ ଅଂଚଳର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରତ୍ୟେକ ୧୬୫୦୦ଟଙ୍କା ଲେଖାଏଁ ପଞ୍ଜୀକରଣ ରାଶି ଏହି ଆପରେ ଜମା କରି ନିଜକୁ ପଞ୍ଜୀକୃତ କରିଥିଲେ । ଏହି ଯୋଜନାରେ କିଛି ବ୍ୟକ୍ତି ପ୍ରାରମ୍ଭରେ ରିର୍ଟନ ପାଇଥିଲେ । ସେମାନଙ୍କ ପ୍ରରୋଚନାରେ ଅନ୍ୟମାନେ ଏହି ଆପରେ ଯୋଗ ଦେଇଥିଲେ । ହ୍ୟୁଜ ଆପର କାର୍ଯ୍ୟାଳୟ ସ୍ଥାନୀୟ ବାଦାମବାଡ଼ି ଏଲଆଇସି କଲୋନୀ ନିକଟସ୍ଥ ଏକ ସ୍କୁଲ ସମ୍ମୁଖରେ ଅବସ୍ଥିତ ଥିଲା । ଏହି ଆପର ଓଡ଼ିଶା ମୁଖ୍ୟ ଭାବେ ପାର୍ଥ ସାରଥୀ ଦାସ ଚିହ୍ନଟ ହୋଇଥିଲେ । ଗତ ଜୁଲାଇ ୧୫ ତାରିଖରେ ପଞ୍ଜିକୃତ ସଦସ୍ୟମାନେ ସେମାନଙ୍କ ଟଙ୍କା ଫେରି ପାଇବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଆପରେ ପଞ୍ଜିକୃତ ହୋଇଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଇଥିଲା ଯେ, ସେମାନଙ୍କୁ ବାର୍ଷିକ ରକ୍ଷଣାବେକ୍ଷଣ ଦେୟ ବାବଦକୁ ଅତିରିକ୍ତ ୪ ହଜାର ୯୫୦ଟଙ୍କା ଜମା କରିବାକୁ ପଡ଼ିବ । ଅନେକ ଲୋକ ଆପ ମାଧ୍ୟମରେ ଏହି ରାଶି ଜମା କରିଥିଲେ । କିନ୍ତୁ ଗତ ଅଗଷ୍ଟ ୧୯ ତାରିଖରେ ଆପ ହଠାତ କାମ କରିବା ବନ୍ଦ କରିଦେଇଥିଲା । ବାରମ୍ବାର ପ୍ରୟାସ ସତ୍ତ୍ୱେ କୌଣସି ଫଳାଫଳ ମିଳିନଥିଲା । ଫଳରେ ପଞ୍ଜୀକୃତ ହୋଇଥିବା ବ୍ୟକ୍ତିମାନେ ହ୍ୟୁଜ ଆପ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ଠକେଇର ଶିକାର ହୋଇଥିବା ଗରିବ ବ୍ୟକ୍ତିଙ୍କ ପକ୍ଷରୁ ଥାନାରେ ଏତଲା ଦାୟର କରାଯାଇଥିଲା । ଏହି ଏତଲାକୁ ଆଧାର କରି କଟକ ସାଇବର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଏହା ପରେ ପୋଲିସ କମିଶନରଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ମାମଲାର ଛାନବିନକୁ ତ୍ୱରାନ୍ୱିତ କରାଯାଇଥିଲା । ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବାଲେଶ୍ୱର ଚାନ୍ଦିପୁର ପୋଲିସ ସହାୟତାରେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ଅଭିଯୁକ୍ତ ପାର୍ଥ ସାରଥୀକୁ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ଅଧିକ ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି ।




## ନାବାଳିକା ଅସଦାଚରଣକାରୀକୁ ୭ ବର୍ଷ ସଜା

ଭୁବନେଶ୍ୱର(ନିପ୍ର): ନାବାଳିକାଙ୍କୁ ମନ୍ଦିର ବୁଲିବାକୁ ଡାକି ଅସଦାଚରଣ ଏବଂ ଦୁର୍ଷ୍କର୍ମ ମାମଲାରେ ଅଭିଯୁକ୍ତ ପୂଜାରୀକୁ ୭ ବର୍ଷ ସଜା ଶୁଣାଇଛନ୍ତି କୋର୍ଟ । ଉଲ୍ଲେଖଯୋଗ୍ୟଯେ, କପିଳେଶ୍ୱର ଗ୍ରାମରେ ପ୍ରଭୁ କପିଳେଶ୍ୱରଙ୍କ ମନ୍ଦିର ଅଛି ଯେଉଁଠାରେ ପ୍ରଭୁ କପିଳେଶ୍ୱରଙ୍କ ମନ୍ଦିର ପରିସରରେ ଅନେକ ଦେବୀଦେବୀଙ୍କ ମନ୍ଦିର ଅବସ୍ଥିତ । ସେଠାରେ ଦେବୀ ମା ଦକ୍ଷିଣକାଳୀ ଏବଂ ଦେବତା ସନିଙ୍କ ମନ୍ଦିର ମଧ୍ୟ ପରିସର ଭିତରେ ଅବସ୍ଥିତ । ମନ୍ଦିରର ଦ୍ୱାର ପ୍ରତିଦିନ ସକାଳରୁ ବିଳମ୍ବିତ ରାତି ପ୍ରାୟ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହେ । ପୀଡିତା ନାବାଳିକା ଝିଅ (୧୩ ବର୍ଷ) କପିଳେଶ୍ୱର, ଚୌରାସାହିର ଏବଂ ଅଭିଯୁକ୍ତ ବିନ୍ଦୁ ମାଲିଆ କପିଳେଶ୍ୱର କଂଚାସାହିର ବାସିନ୍ଦା । ଆସାମୀ ବିନ୍ଦୁ ମାଲିଆ କପିଳେଶ୍ୱର ମନ୍ଦିରରେ ପୂଜକ ଭାବରେ କାର୍ଯ୍ୟ କରନ୍ତି । ପ୍ରତିଦିନ ମନ୍ଦିରକୁ ଦର୍ଶନ ପାଇଁ ଅନେକ ଭକ୍ତ ଆସନ୍ତି । ଜୁନ ୩ ତାରିଖ ସନ୍ଧ୍ୟା ସମୟରେ, ନାବାଳିକା ପୀଡିତା ଝିଅ ତାଙ୍କ କକାଳି ଭଉଣୀ (୧୩ ବର୍ଷ) ସହିତ ମା ଦକ୍ଷିଣକାଳୀ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ । କିଛି ସମୟ ପରେ ଉଭୟ ଭଉଣୀ କପିଳେଶ୍ୱର ମନ୍ଦିର ପରିସରରେ ଅଲଗା ହୋଇଯାଇଥିଲେ । ରାତି ପ୍ରାୟ ୮ଟା ସମୟରେ ନାବାଳିକା ପୀଡିତା ତାଙ୍କ କକାଳି ଭଉଣୀଙ୍କୁ ମନ୍ଦିର ଭିତରୁ ପାଇନଥିବାରୁ ସେ ମନ୍ଦିର ବାହାରକୁ ଫେରୁଥିଲେ । ସେହି ସମୟରେ, ଆସାମୀ ବିନ୍ଦୁ ମାଲିଆ ତାଙ୍କୁ ସନି ମନ୍ଦିରରେ ପୂଜା ଦେଖିବାକୁ ଡାକିଥିଲେ । ଆସାମୀ ବିନ୍ଦୁ ପୁରୋହିତ ବେଶରେ ଥିବାରୁ ନାବାଳିକା ପୀଡିତ ଜଣକ ବିରୋଧ କରିନଥିଲେ ଏବଂ ତାଙ୍କ ସହିତ ଶନି ମନ୍ଦିରକୁ ଯାଇଥିଲେ । ସେହି ସମୟରେ ଆସାମୀ ବିନ୍ଦୁ ନାବାଳିକା ପୀଡିତାଙ୍କୁ ଶନି ମନ୍ଦିର ନିକଟ ଏକ ଅନ୍ଧାର ସ୍ଥାନକୁ ନେଇଯାଇଥିଲେ । ସେଠାରେ କେହି ଉପସ୍ଥିତ ନଥିବାରୁ ଅଭିଯୁକ୍ତ ବିନ୍ଦୁ ପୀଡିତା ନାବାଳିକାର ଭଦ୍ରତାକୁ ଆଘାତ କରିବା ଉଦ୍ଦେଶ୍ୟରେ ତାଙ୍କ ସହିତ ଅନୁପଯୁକ୍ତ କାର୍ଯ୍ୟ କରିଥିଲେ । ଅଭିଯୁକ୍ତଙ୍କ ଏହି କାର୍ଯ୍ୟକଳାପ ଉପରେ ବିରୋଧ କରି ପୀଡିତା ନାବାଳିକା ଝିଅଟି ଜୋରରେ ଚିତ୍କାର କରି ପ୍ରତିବାଦ କରିବାରୁ ଅଭିଯୁକ୍ତ ତାକୁ ହତ୍ୟା କରିବାକୁ ଧମକ ଦେଇଥିଲେ । ଏନେଇ ନାବାଳିକା ପୀଡିତ ଜଣକ ଘଟଣା ବିଷୟରେ ତାଙ୍କ ପିତାମାତାଙ୍କୁ ଜଣାଇଦେବାକୁ କହିବାରୁ ଅଭିଯୁକ୍ତ ତାକୁ ଏବଂ ତାଙ୍କ ପିତାମାତାଙ୍କୁ ଜୀବନରେ ମଧ୍ୟ ହତ୍ୟା କରିବାକୁ ଏବଂ ସମାଜରେ ମଧ୍ୟ ଦୋଷ ଦେବାକୁ ଧମକ ଦେଇ ନାବାଳିକା ପୀଡିତାଙ୍କୁ ଛାଡି ଦେଇଥିଲେ । ନାବାଳିକା ପୀଡିତ ଝିଅ ତୁରନ୍ତ ସେହି ସ୍ଥାନ ଛାଡି ମନ୍ଦିର ପରିସରରୁ ବାହାରି ଆସି ଫାଟକରେ ତାଙ୍କ ସଂର୍ପକୀୟ ଭଉଣୀଙ୍କୁ ପାଇଥିଲେ ଏବଂ କାନ୍ଦି କାନ୍ଦି ତାଙ୍କୁ ସମସ୍ତ ଘଟଣା ଜଣାଇଥିଲେ । ପରେ ସେମାନେ ଘରକୁ ଯାଇ ତାଙ୍କ ମା'ଙ୍କୁ ଜଣାଇଥିଲେ । ଏନେଇ ନାବାଳିକା ପୀଡିତାଙ୍କ ମା, ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଅଭିଯୋଗକାରିଣୀଙ୍କର ଅଭିଯୋଗ ଆଧାରରେ ଶ୍ରୀ ଲିଙ୍ଗରାଜ ଥାନାରେ ଉପରୋକ୍ତ ମାମଲା ରୁଜୁ ହୋଇଥିଲା ଏବଂ ଏହାର ତଦନ୍ତ ଦାଇତ୍ୱ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ନେଇଥିଲେ । ଶ୍ରୀ ପ୍ରଧାନ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ପ୍ରଦ୍ୟୁମ୍ନ କୁମାର ମାଲିଆ ଓରଫ ବିନ୍ଦୁଙ୍କୁ ତୁରନ୍ତ ଗିରଫ କରିଥିଲେ । ଉପରୋକ୍ତ ମାମଲାର ବିଚାର କରି, ମାନ୍ୟବର ଅଦାଲତ ଘଟଣା ସହିତ ସଂପୃକ୍ତ ବିଭିନ୍ନ ସାକ୍ଷ୍ୟ ଓ ଦଲିଲ ଆଧାରରେ ତିନି ମାସ ମଧ୍ୟରେ ବିଚାର ଶେଷ କରିଛନ୍ତି ଏବଂ ଆସାମୀ ପ୍ରଦ୍ୟୁମ୍ନ କୁମାର ମାଲିଆ ଓରଫ ବିନ୍ଦୁଙ୍କୁ ୭ ବର୍ଷର ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଏତତବ୍ୟତୀତ ମାନ୍ୟବର ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆରପିସି ର ଧାରା ୩୭୫- ଏ ଆଧାରରେ ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତି ପୂରଣ ବାବଦକୁ ୧ ଲକ୍ଷ ଟଙ୍କା ରାଶି ଯୋଗାଇ ଦେବାପାଇଁ ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପୋଖରୀରେ ବୁଡି ୩ ବର୍ଷର ଶିଶୁ ମୃତ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ବାଦିଆମ୍ବଗାଁ ପୋଖରୀ ପାଣିରେ ବୁଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ମୃତକା ଜଣଙ୍କ ହେଲେ ହିଞ୍ଜିଳି ଥାନା ବାଦିଆମ୍ବଗାଁର ଦନାର୍ଦ୍ଦନ ସାହୁଙ୍କ ୩ ବର୍ଷର ନାବାଳିକା କନ୍ୟା ସାନଭି ସାହୁ । ପ୍ରକାଶ ଯେ, ସୋମବାର ଅପରାହ୍ନ ପ୍ରାୟ ୩ ଘଣ୍ଟା ସମୟରେ ପରିବାର ଲୋକେ ଶୋଇଥିବା ବେଳେ ନାବାଳିକା ଜଣଙ୍କ ସାହିରେ ପୂଜା ପାଉଥିବା ଗଣେଶ ପୂଜା ମଣ୍ଡପକୁ ବୁଲିବାକୁ ଯାଇଥିଲେ । ପରେ ନିକଟସ୍ଥ ନେଳିଆ ବନ୍ଧ ପୋଖରୀକୁ ଯାଇ ଅସାବଧାନତା ବଶତଃ ପୋଖରୀ ପାଣିରେ ବୁଡି ଯାଇଥିଲେ । ଦୀର୍ଘ ସମୟ ଧରି ନାବାଳିକା ଜଣଙ୍କ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିନଥିଲା । ପୋଖରୀ ପାଣିରେ ବୁଡି ଯାଇଥିବା ସନ୍ଦେହ କରି ଗ୍ରାମର କିଛି ଲୋକେ ପୋଖରୀରେ ଖୋଜିଥିଲେ । ପୋଖରୀ ପାଣିରୁ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର, ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ନେଇ ନାବାଳିକାଙ୍କ ବାପା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନମ୍ବ- ୨୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି । ମଙ୍ଗଳବାର ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

---

## ଗୋଷ୍ଠୀ ସଂଗଠିକାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଯୋଗ୍ୟ ହିତାଧିକାରୀ

କଟକ(ନିପ୍ର): ସିଏମସିରେ କାର୍ଯ୍ୟରତ ୫୬/୫୭ ନଂ ୱାର୍ଡ଼ର ବିବାଦୀୟ ସିଓ ବା ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମହାନ୍ତିଙ୍କ ବିରୁଦ୍ଧରେ ଆସିଛି ସାଂଘାତିକ ଅଭିଯୋଗ । ୫୬ ନଂ ଅନ୍ତର୍ଭୁକ୍ତ ବାଲିକୁଦା ଗ୍ରାମର ବାସିନ୍ଦା ୬୩ବର୍ଷୀୟ ଜଣେ ବୃଦ୍ଧା ଯୋଗ୍ୟ ହିତାଧିକାରୀ ତାଙ୍କ ଲିଖିତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ବାର୍ଦ୍ଧକ୍ୟ ଭତ୍ତା ପାଇବା ନିମନ୍ତେ ବାଲିକୁଦା ଗ୍ରାମର ସରୋଜ ଚନ୍ଦ୍ର ଭୂୟାଁ ଜଣେ ଯୋଗ୍ୟ ହିତାଧିକାରୀ ଅଟନ୍ତି । କିନ୍ତୁ ପରିତାପର ବିଷୟ ଭତ୍ତା ପାଇବା ନିମନ୍ତେ ସମସ୍ତ ପ୍ରମାଣପତ୍ର ସହିତ ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ମଧୁବାବୁ ପେନସନ ଯୋଜନା ପାଇଁ ଆବେଦନ କରିଥିଲେ ମଧ୍ୟ ସିଓ ବା ଗୋଷ୍ଠୀ ସଂଗଠିକା ଭିନ୍ନ ଉଦ୍ଦେଶ୍ୟ ରଖି, କାହା ପ୍ରରୋଚନାରେ ପକ୍ଷପାତିତା ନୀତି ଅବଲମ୍ବନ କରି ତାଙ୍କଠାରୁ ବହୁ ଦିନୁ ପଛରେ ଆବେଦନ କରିଥିବା ଲୋକଙ୍କୁ ଭତ୍ତାକାର୍ଡ଼ ପ୍ରଦାନ କରିବା ସହିତ ତାଙ୍କ କ୍ଷେତ୍ରରେ ପକ୍ଷପାତିତା ନୀତି କାହିଁକି ଧରିଛନ୍ତି, ଯାହାଦ୍ୱାରା ତାଙ୍କ ଭଳି ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି । ବାରମ୍ବାର କାର୍ଯ୍ୟାଳୟକୁ ଯାଇ ନିରାଶ ହେବାରୁ ସିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ତାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ନିମନ୍ତେ ଶ୍ରୀ ଭୂୟାଁ କମିଶନରଙ୍କ ନିକଟରେ ନିବେଦନ କରିଛନ୍ତି । ଏ ନେଇ ଉକ୍ତ ବିବାଦୀୟ ସିଓଙ୍କ ବିରୋଧରେ ଯୋଗ୍ୟ ହିତାଧିକାରୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସେ ସିଏମସିରୁ କେବେ ବିଦାହେବେ ବୋଲି ଆଲୋଚନାର ବିଷୟ ହୋଇଛି ।

---

## ସମାଜସେବା ପାଇଁ ନୀଳମଣି ମିଶ୍ର ସମ୍ବର୍ଦ୍ଧିତ



ଭୁବନେଶ୍ୱର(ନିପ୍ର): ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ସମାଜସେବା ନିମନ୍ତେ ପ୍ରଶଂସା ସାଉଁଟୁ ଥିବା ଭୁବନେଶ୍ୱର ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧି ନୀଳମଣି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଛତ୍ରପୁରରେ ପଦସ୍ଥ ପୂର୍ବତନ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ସଂଯୋଜନାରେ ବିଭିନ୍ନ ସାମାଜିକ ଓ ସ୍ୱଛତା କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହି ଉଦେଶ୍ୟରେ ଅଗଷ୍ଟ ୩୧ ତାରିଖ ରବିବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର ତରଫରୁ ଗଞ୍ଜାମ ଜିଲ୍ଲା ସଦରମହକୁମା ଛତ୍ରପୁରରେ ଅନୁଷ୍ଠିତ ହୋଇଥିବା ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ସେବା ପ୍ରତିନିଧି ସଙ୍ଗଠନକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ମିଶ୍ର ଏହି ସମ୍ବର୍ଦ୍ଧନା ପାଇଁ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜୀ. ପାପା ରାଓ ଓ କାର୍ଯ୍ୟନିର୍ବାହୀ ଅଧିକରୀ ପ୍ରସନ୍ନ କୁମାର ଦାଶଙ୍କୁ ତଥା ମାଆ ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେବା ସହ ଆଗକୁ ମଧ୍ୟ ଏହିପରି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି



ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୧୨ ଗୋଟି ଓ ସାମୂହିକ ୧୮ ଗୋଟି ରହିଥିବା ବେଳେ ୧୫ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାସନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଙ୍ଗଲ ଓ ପରିବେଶ, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହିସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ
## ଗବେଷଣା ହିଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ମାନ ବୃଦ୍ଧି କରେ

ଭବାନୀପାଟଣା(ନିପ୍ର): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ଅଗଷ୍ଟ ୦୧ ତାରିଖରେ ମହାସମାରୋହରେ ପାଳିତ ହୋଇଯାଇଛି । ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ତଥା ଗବେଷଣାର ମାନ ବୃଦ୍ଧି ସଂପର୍କରେ ନିଜର ବିବୃତ୍ତି ପ୍ରଦାନ କରିଥିଲେ । କୁଳସଚିବ ଡକ୍ଟର ଗୁଣନିଧି ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା ବିଶ୍ୱବିଦ୍ୟାଳୟର ଆର୍ଥିକ ବ୍ୟବସ୍ଥା ସଂପର୍କରେ ନିଜର ମତ ପ୍ରକାଶ କରିଥିଲେ । ଉକ୍ତ ଦିବସରେ ମୁଖ୍ୟ ଅତିଥି ମାଳବିକା ଦେବୀ, ସାଂସଦ (ଲୋକସଭା), କଳାହାଣ୍ଡିଙ୍କ କରକମଳରେ ଷ୍ଟାଫ୍ କ୍ୱାଟର୍ସ ଉଦଘାଟନ ହୋଇଥିଲା । ସାଂସଦ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ତଥା ଗବେଷଣାର ଉନ୍ନତି ନିମନ୍ତେ ସାହାର୍ଯ୍ୟ ଓ ସହଯୋଗର ଆଶା ସଞ୍ଚାର କରିଥିଲେ । ସ୍ୱତନ୍ତ୍ର ଅତିଥି ପୁଷ୍ପେନ୍ଦ୍ର କୁମାର ସିଂହଦେଓ ନିଜକୁ ଏହି ଅନୁଷ୍ଠାନର ଜଣେ ପ୍ରମୁଖ ଆଲୁମିନି ଭାବରେ ଅଭିହିତ କରିଥିଲେ । ବିଶ୍ୱବିଦ୍ୟାଳୟ ପାଇଁ ନିଜର ଅବଦାନ ସବୁବେଳେ ରହିବ ବୋଲି କହିଥିଲେ । ମୁଖ୍ୟ ବକ୍ତା ପ୍ରଫେସର ମହାଦେଓ ଜୟସ୍ୱାଲ କଳାହାଣ୍ଡିର ପ୍ରାକୃତିକ ପରିବେଶ, ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ତନ୍ମୟ କୁମାର ଦରୱାନ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସହିତ ମୋର ଭାବଗତ ସଂପର୍କ ରହିଛି ବୋଲି ଭାବ ବ୍ୟକ୍ତ କରିଥିଲେ । ଅତିଥି ମାନଙ୍କ ହସ୍ତରେ ବିଶ୍ୱବିଦ୍ୟାଳୟର ନିଉଜ ବୁଲେଟିନ ଲୋକାର୍ପଣ ହୋଇ ଆଲୁମିନି କର୍ନର ମଧ୍ୟ ଉଦଘାଟନ ହୋଇଥିଲା । ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତୋକତ୍ତର ପରୀକ୍ଷାରେ ବିଭିନ୍ନ ବିଭାଗରେ ଟପର ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମରେ ଉକ୍ତ ଦିବସଟି ସଫଳ ହୋଇଥିବାରୁ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ଗୀତର ପରିବେଷଣ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମିଥିଲା ।




### କୁଶଭଦ୍ରା ବଞ୍ଚାଅ ଅଭିଯାନ ଶୁଭାରମ୍ଭ
# ନଦୀ ସଂଯୋଗୀକରଣ ଯୋଜନାକୁ କାର୍ଯ୍ୟକାରୀ ପାଇଁ ଦାବି

ନିମାପଡ଼ା(ନିପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ 'ନଦୀ ସଂଯୋଗୀକରଣ ଯୋଜନା'କୁ ସ୍ୱାଗତ ଜଣାଇ ନିମାପଡ଼ାର ଶୁଭାରମ୍ଭ କରିଛନ୍ତି । ଐତିହ୍ୟ ପୀଠ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ବୁଦ୍ଧିଜୀବୀ, କୃଷକ, ଯୁବକ, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାବିତ୍‌ମାନେ ଏକତ୍ରିତ ହୋଇଥିଲେ । ଅଭିଯାନ ଆବାହକ ତଥା ନିମାପଡ଼ା ମାଟିର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ପ୍ରଥମ ବିଧାୟକ ସ୍ୱର୍ଗତ ମୋହନ ଦାଶଙ୍କ ଅଣନାତି ଆଦର୍ଶ ଦାଶଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବିଷ୍ଣୁପୁର ଗ୍ରାମର ଅନ୍ୟତମ କୃଷକ ବଟକୃଷ୍ଣ ବେହେରା, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ଶିକ୍ଷାବିତ୍ ଆର୍ତ୍ତବନ୍ଧୁ ସେନାପତି, ଗ୍ରାମ୍ୟ କଲ୍ୟାଣ ସଂସ୍ଥାର ସଂପାଦକ ପ୍ରଭାକର ନନ୍ଦ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଗୋପବନ୍ଧୁ ସେବା ସଂଘ ସଂପାଦକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ବିଜୁ ଜନତା ଦଳ ନେତା ସଦାନନ୍ଦ ପ୍ରଧାନ, କବି ଗଙ୍ଗାଧର ଓଝା, ବରିଷ୍ଠ ନାଗରିକ ମଂଚ ଉପ-ସଭାପତି କୃଷ୍ଣ ମୋହନ ବେହେରା, ବାଙ୍ଗୁରିଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼ଃ ଦିଲ୍ଲୀପ ସେନାପତି, ସଂଗଠକ ଶୁଭ୍ରାକାନ୍ତ ପଟ୍ଟନାୟକ, ବିଜୟାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇ ନଦୀ ଶଯ୍ୟା ଖନନ, ଚେକ୍ ଡ୍ୟାମ ନିର୍ମାଣ, ବାଲି ମାଫିଆଙ୍କୁ ଦମନ ଆଦି ପ୍ରସ୍ତାବ ରଖି କୁଶଭଦ୍ରାରେ ପାଣି ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ । ଦୀର୍ଘଦିନ ଧରି କୁଶଭଦ୍ରା ନଦୀରେ ପାଣି ଆସୁ ନଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେବା ସାଙ୍ଗକୁ ପାନୀୟ ଜଳ କଷ୍ଟ ଦେଖା ଦେଇଥିବା ବକ୍ତାମାନେ ପ୍ରକାଶ କରିଥିଲେ । ନଦୀ ପଠାରେ ପ୍ରତିବର୍ଷ ଚିନାବାଦାମ, ଆଳୁ, ବାଇଗଣ, ଟମାଟୋ ଆଦି ଚାଷ କରି ଚାଷୀମାନେ ଲାଭବାନ୍ ହେଉଥିବା ପ୍ରକାଶ କରିଥିଲେ । ପାଣି ନ ଆସିବାରୁ କୃଷକୁମାନେ କ୍ଷତିଗ୍ରସ୍ତ ହେଉଥିବା କ୍ଷୋଭର ସହ ପ୍ରକାଶ କରିଥିଲେ । ୬୦ କି.ମି. ଲମ୍ବ କୁଶଭଦ୍ରା ନଦୀ (ବାଲିଅନ୍ତାରୁ ରାମଚଣ୍ଡୀ ମୁହାଣ) ଅଦ୍ୟାବଧି ମୃତ ପ୍ରାୟ ବୋଲି ବକ୍ତମାନେ ସୂଚନା ଦେଇ ଏହାକୁ ଚିରସ୍ରୋତା କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳର ନେତ୍ରୀ ତଥା ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ବୈଠକରେ ଉପସ୍ଥିତ ବ୍ୟକ୍ତି ବିଶେଷମାନେ ଅନୁରୋଧ କରିଥିଲେ । ନିମାପଡ଼ା-ଗୋପ ଅଂଚଳର ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ କୁଶଭଦ୍ରା ବଂଚାଅ ଅଭିଯାନର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରି ଏହାର ସଫଳତା ପାଇଁ ସିଦ୍ଧେଶ୍ୱର ମନ୍ଦିର ପରିସରରେ ପ୍ରଦୀପ ପ୍ରଜ୍ୱଳନ କରି ଶପଥ ଗ୍ରହଣ କରିଥିଲେ । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ମନ୍ଦିର ପରିସରରେ ଅଭିଯାନର ସଫଳତା କାମନା କରି ଉପସ୍ଥିତ ଜନସାଧାରଣ ସଂଗ୍ରାମ ପାଇଁ ନିଷ୍ପତ୍ତି ଗ୍ରହଣ କରିବା ସହିତ ମଙ୍ଗଳବାର ଦିନ ଏକ ଦଳ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା । ଯୁବନେତା ବିଜୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



## ଓସିଏର ସ୍ୱତନ୍ତ୍ର ଏଜିଏମ୍ ବୈଠକରେ ବଡ଼ ନିଷ୍ପତ୍ତି

# ଭାରତ-ଦ.ଆଫ୍ରିକା ମ୍ୟାଚ୍ ପରେ ହେବ ନିର୍ବାଚନ

କଟକ,୧/୯: ଆସନ୍ତା ଡିସେମ୍ବର ୯ ତାରିଖରେ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଦକ୍ଷିଣଆଫ୍ରିକା ମଧ୍ୟରେ ଟି-ଟ୍ୱେଣ୍ଟି ମ୍ୟାଚ ଖେଳାଯିବ। ଏହାକୁ ନେଇ ଓଡ଼ିଶା କ୍ରିକେଟ ଆସୋସିଏସନ୍(ଓସିଏ)ର ପ୍ରସ୍ତୁତି ଆରମ୍ଭ ହୋଇଛି । ମ୍ୟାଚ ଯୋଗୁଁ ଓସିଏ ନିର୍ବାଚନକୁ ପ୍ରାୟ ଦୁଇ ମାସ ଘୁଞ୍ଚାଇ ଦିଆଯାଇଛି । ଅନ୍ତର୍ଜାତୀୟ ମ୍ୟାଚ ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରବିବାର ପୁରୀରେ ଅନୁଷ୍ଠିତ ସ୍ୱତନ୍ତ୍ର ଏଜିଏମ୍ (ବାର୍ଷିକ ସାଧାରଣ ପରିଷଦ ବୈଠକ)ରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିପରି ଘରୋଇ ଲିଗକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓସିଏ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି । ସେପ୍ଟେମ୍ବର ୧୫ରୁ କଟକରେ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି




ଲିଗ୍(ଓପିଟିଏଲ୍) ଆରମ୍ଭ ହେବ । ଏହାର ବ୍ରାଣ୍ଡ ଆମ୍ବାସଡର ରହିବେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି । ଷ୍ଟାର ସ୍ପୋର୍ଟ୍ସ ଚ୍ୟାନେଲ ଏବଂ ଫ୍ୟାନକୋଡ୍(ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ ବୋଲି ଏଜିଏମ୍‌ରେ ନିଷ୍ପତ୍ତି ହୋଇଛି । ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମ୍‌ରେ ଓପିଟିଏଲ୍ ଖେଳାଯିବ । ପ୍ରତ୍ୟେକ ଦିନ ଦୁଇଟି ଲିଗ୍ ମ୍ୟାଚ୍ ରହିବ । ଆରିଭା ସ୍ପୋର୍ଟ୍ସ ଲିଗ୍‌ର ପ୍ରାୟୋଜକ ରହିଛି । ଲିଗ୍ ପାଇଁ ଖୁବଶୀଘ୍ର ଖେଳାଳି ନିଲାମ ଆରମ୍ଭ କରାଯିବ । ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ । ଖେଳାଳିମାନଙ୍କ ବର୍ଗ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି । ସମ୍ଭବତଃ ଆସନ୍ତା ୩ ତାରିଖରେ ପାଳି ଅନୁସାରେ ଫ୍ରାଞ୍ଚାଇଜ୍ ମାଲିକମାନେ ଖେଳାଳି କ୍ରୟ କରିବେ । ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଲିଗ୍‌ର ଉଦ୍‌ଘାଟନ ହେବ ବୋଲି ନିଷ୍ପତ୍ତି ହୋଇଛି । ସେହିପରି ତୃଣମୂଳ କ୍ରିକେଟର ବିକାଶ ପାଇଁ ଆସନ୍ତା ଜାନୁୟାରୀରେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବ । ଡ. ହରେକୃଷ୍ଣ ମହତାବ ଫିଡର ସେଣ୍ଟର ପ୍ରତିଷ୍ଠା ହେବ । ଏଠାରେ ୧୪ବର୍ଷରୁ କମ୍ ବାଳକ ଓ ବାଳିକାଙ୍କୁ ରଖି ପ୍ରଶିକ୍ଷଣ ଦିଆଯିବ । ସଚିନ ତେନ୍ଦୁଲକର ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଦିଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଓସିଏ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀମନ୍ଦିର ପରିସରରେ ଆରମ୍ଭ ହେଲା ଶିଶୁ ସ୍ତନ୍ୟପାନ କକ୍ଷ



**ପୁରୀ, ୧/୯(ନିପ୍ର):** ଶ୍ରୀମନ୍ଦିର ପରିସରରେ ଆରମ୍ଭ ହେଲା ଶିଶୁ ସ୍ତନ୍ୟପାନ କକ୍ଷ । ବିଭିନ୍ନ ସମୟରେ ଶିଶୁଙ୍କୁ ନେଇ ଶ୍ରୀମନ୍ଦିରକୁ ଭକ୍ତମାନେ ଆସିଥାନ୍ତି । ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଲାଗି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପରିସରରେ ସ୍ତନ୍ୟପାନ କରାଇବା ପାଇଁ ସ୍ୱତନ୍ତ୍ର କକ୍ଷ ବ୍ୟବସ୍ଥା କରାଯାଇଛି । ସୋମବାରଠାରୁ ଏହା କାର୍ଯ୍ୟକ୍ଷମ ହୋଇଛି । ଯେଉଁଠାରେ ମା' ମାନେ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇ ପାରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢ଼ୀ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପିନାକ୍ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର୍ ବକ୍ସି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚୀସ୍ମିତା ଏବଂ ଅନ୍ୟ ଅଧିକାରୀ ଏ ସମ୍ବନ୍ଧରେ ଆଲୋଚନା କରି ଏହି ସ୍ୱତନ୍ତ୍ର ଗୃହ ସ୍ଥାପନା ପାଇଁ ସ୍ଥାନ ନିରୂପଣ କରିଥିଲେ । ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଥିଲା । ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ । ଏହି ଗୃହ ସକାଶେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ । ଦୀର୍ଘଦିନ ଧରି ଏନେଇ ଦାବି ହୋଇ ଆସୁଥିବା ବେଳେ ଭକ୍ତ ଶ୍ରଦ୍ଧାଳୁ ତଥା ବିଶେଷ କରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ଓଡ଼ିଶା ଯାତ୍ରୀ ଆପ୍ ସହାୟତାରେ କିଣି ହେବ ଆମ ବସ୍ ଏବଂ ଚିଲିକା ବୋଟିଂ ଟିକେଟ

**ଭୁବନେଶ୍ୱର,୧/୯(ନିପ୍ର):** ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ାଇଛି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ। ଏଣିକି ଏହି ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡ଼ାରେ ଚିଲିକା ବୋଟିଂ ନିମନ୍ତେ ଟିକେଟ୍ କିଣିପାରିବେ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ

odisha yatri | ଓଡ଼ିଶା ଯାତ୍ରୀ

ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍ ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକେଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ପାଇପାରିବେ। ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଂଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡରୋଏଡ୍ ପ୍ଲାଟଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍ ରେ ନିକଟରେ ଭବିଷ୍ୟତରେ ଉପଲବ୍ଧ ହେବ। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତିକରି ଟିକେଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ।

## ଏନସିଇଆରଟି ଶିକ୍ଷା କ୍ଷେତ୍ରର ମଜଭୁତ ସ୍ତମ୍ଭ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧/୯(ନିପ୍ର): ଏନସିଇଆରଟି ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟର ଏକ ମଜଭୁତ୍ ସ୍ତମ୍ଭ । ପ୍ରତିବଦ୍ଧତା ଏବଂ ସମର୍ପଣ ସହିତ ଲମ୍ବା ସମୟ ଧରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବାରେ ଏନସିଇଆରଟିର ବଡ ଯୋଗଦାନ ରହିଛି । ଏନସିଇଆରଟିର ୬୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ ଉଦବୋଧନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ 'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ଉଦଘାଟନ ଏବଂ ଶୁଭାରମ୍ଭ କରିଥିଲେ । ଓଡ଼ିଶାର ୧୦୦ ଜଣ ମହାନ ବ୍ୟକ୍ତିତ୍ୱଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ କରିଥଲେ।

## ବନ ବିଭାଗ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୧।୯(ନିପ୍ର)- ଅରଣ୍ୟ ଭବନ ସାମ୍ନାରେ ଆନ୍ଦୋଳନ କରୁଛନ୍ତି ବନ ବିଭାଗ ଅସ୍ଥାୟୀକର୍ମଚାରୀ । ୭ ଦଫା ଦାବି ନେଇ ଆନ୍ଦୋଳନ କରୁଛି ସଂଘ । ଆଉଟ ସୋର୍ସିଂରେ ୭୦୦୦ କର୍ମଚାରୀପାଖାପାଖି ବିଭାଗ ଅଧୀନରେ କାମ କରୁଛନ୍ତି ।ସଂଘ କହିଛି ଯେ ଥାର୍ଡ ପାର୍ଟି ଦ୍ୱାରା ଆମେ କରୁଛୁ, କିନ୍ତୁ ବେତନ ଠିକ୍‌ଭାବେ ମିଳିନାହିଁ । ପ୍ରତିଦିନ କାମ କରୁଛୁ ବିଭାଗ ପାଇଁ, ପ୍ରତିଦିନ ଜଙ୍ଗଲରେ କାମ କରୁଛୁ ଜୀବନକୁ ବାଜି ଲଗାଇ, କିନ୍ତୁ ସେହି ଅନୁସାରେ ସୁବିଧା ମିଳି ପାରୁନାହିଁ ।

## ମୋଦିଙ୍କ ଜନ୍ମଦିବସରୁ ସେବା ପକ୍ଷ ପାଳନ କରିବ ବିଜେପି

**ଭୁବନେଶ୍ୱର,୧/୯(ନିପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ପ୍ରତିବର୍ଷ ସେବା ଦିବସ ଭାବେ ପାଳନ କରଯିବା ସହ ଉକ୍ତ ଦିନରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ସେବା ପକ୍ଷ ଭାବେ ପାଳନ କରାଯାଏ । ଚଳିତବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିନ ପଡୁଥିବାରୁ ସେପଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ଡ. ମହାନ୍ତି କହିଛନ୍ତି ଯେ, ସେବାପକ୍ଷ ଉପଲକ୍ଷେ ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲ୍ଲାସ୍ତରୀୟ ଓ ୧୯ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ । ଏହି ଅବସରରେ ବିଭିନ୍ନ ପିଏଚ୍‌ସି, ସିଏଚ୍‌ସି, ମେଡିକାଲ କଲେଜ ଓ ଘରୋଇ ଡାକ୍ତରଖାନାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ୧୭ରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ କରାଯିବ । ଏହି ପ୍ରଦର୍ଶନୀ ସାଙ୍ଗରେ ଭୋକାଲ ଫର ଲୋକାଲର ପ୍ରଚାର କରାଯିବ । ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ସ୍ୱତନ୍ତ୍ର ମେଳା ଓ ପ୍ରଦର୍ଶନୀ କରାଯିବ । ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ୩ ଅର୍ଥନୈତିକ ଜୋନ୍ ସୃଷ୍ଟି କରିବାକୁ ଯୋଜନା

**ଭୁବନେଶ୍ୱର,୧/୯(ନିପ୍ର):** ଭୁବନେଶ୍ୱରକୁ ଗୋଟିଏ ବିଶ୍ୱସ୍ତରୀୟ ସହର କରିବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଓଡ଼ିଶା ସରକାର କ୍ୱାଡ଼ ସିଟି ପ୍ରୋଗ୍ରାମ ଜରିଆରେ ଭୁବନେଶ୍ୱର, ପୁରୀ, କଟକ, ଏବଂ ପାରାଦ୍ୱୀପକୁ ମିଶାଇ ଏକ ଅର୍ଥନୈତିକ ଜୋନ କରିବା ପାଇଁ ରାଜ୍ୟ ସରକାର ପ୍ଲାନ ରଖିଛନ୍ତି । ସେହିଭଳି ସୁନାବେଡା, କୋରାପୁଟ, ବରଗଡ଼, ସମ୍ବଲପୁରକୁ ନେଇ ଅନ୍ୟ ଏକ ଅର୍ଥନୈତିକ ଜୋନ ହେବ । ତା ବାଦ ଉତ୍ତରରେ ମଧ ରାଉରକେଲା, କେଉଁଝରର ବଡ଼ବିଲକୁ ନେଇ ଅନ୍ୟ ଏକ ଅର୍ଥନୈତିକ ଜୋନ କରାଯିବ । ଯେଉଁ ସହରଗୁଡିକ ରାଜ୍ୟର ଜିଡିପିରେ ପ୍ରମୁଖ ଦାୟିତ୍ୱ ନେଉଛନ୍ତି ସେହି ସହରମାନଙ୍କୁ ନେଇକି ଅର୍ଥନୀତିକ ଜୋନ ପ୍ରସ୍ତୁତ ହେଉଛି ବୋଲି ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସୂଚନା ଦେଇଛନ୍ତି । କେବଳ ସହରାଞ୍ଚଳ ବୃଦ୍ଧି ନୁହେଁ ବରଂ ରାଜ୍ୟର ଅର୍ଥନୀତିକ କାରବାର ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ । ରାଜ୍ୟ ସରକାରଙ୍କ ଏକ ଆନ୍ତରିଣ କମିଟି ଏବଂ ନୀତି ଆୟୋଗର ସମନ୍ୱୟରେ ଏହି କ୍ୱାଡ଼ ସିଟି ଯୋଜନା ଆଗକୁ ବଢୁଛି । ଏକ ଆଭ୍ୟନ୍ତରୀଣ କମିଟି ଏବଂ ନୀତି ଆୟୋଗ ସହିତ ସମନ୍ୱୟରେ କ୍ୱାଡ୍ ସିଟି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ଭାରତର ବିଶାଳ ବିଜୟ, କାଜାକସ୍ତାନକୁ ୧୫-୦ରେ ହରାଇଲା



ପାଟନା,୧।୯: ଭାରତୀୟ ହକି ଦଳ ଏସିଆ କପ୍ ୨୦୨୫ର ପୁଲ୍ ଏ ମ୍ୟାଚରେ କାଜାକସ୍ତାନକୁ ୧୫-୦ ଗୋଲରେ ପରାସ୍ତ କରି ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଅଭିଷେକ (୫, ୮, ୨୦, ୫୯ ମିନିଟ), ସୁଖଜୀତ ସିଂ (୧୫, ୩୨, ୩୮), ଜୁଗରାଜ ସିଂ (୨୪, ୩୧, ୪୭), ଅଧିନାୟକ ହରମନପ୍ରୀତ ସିଂ (୨୬), ଅମିତ ରୋହିଦାସ (୨୯), ରାଜିନ୍ଦର ସିଂ (୩୨), ସଞ୍ଜୟ ସିଂ (୫୪) ଏବଂ ଦିଲପ୍ରୀତ ସିଂ (୫୫) ଗୋଲ ସ୍କୋର କରିଥିଲେ। ଭାରତ ଏହା ପୂର୍ବରୁ ଚାଇନାକୁ ୪-୩ ଓ ଜାପାନକୁ ୩-୨ ଗୋଲରେ ହରାଇ ସୁପର-୪ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଚାଇନା ବିପକ୍ଷରେ କଠିନ ଲଢ଼େଇ ପରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତ, ଜାପାନ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ ଦେଖାଇଥିଲା।

## ଅକ୍ଟୋବର ୮ରୁ ପୁନଃ ଆରଆଇ, ଅମିନ ପରୀକ୍ଷା

ଭୁବନେଶ୍ୱର, ୧/୯: ଓଡ଼ିଶା ସବ-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସଏସଏସସି) ସୋମବାର ମିଳିତ ନିଯୁକ୍ତି ପରୀକ୍ଷା-୨୦୨୩ (ଆଇଭି) ଅନ୍ତର୍ଗତ ବିଭିନ୍ନ ପଦବୀ ପାଇଁ ପ୍ରାରମ୍ଭିକ ପରୀକ୍ଷା ପୁନଃ ଆୟୋଜନ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି । ବିଜ୍ଞପ୍ତି ଅନୁଯାୟୀ, ରାଜସ୍ୱ ପରିଦର୍ଶକ (ଆରଆଇ), ଆସି ଡିଏସ୍ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ପରିଦର୍ଶକ (ଏଆରଆଇ), ଅମିନ ଏବଂ ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର (ଏସଏଫଏସ) ପଦବୀର ପ୍ରାରମ୍ଭିକ ପରୀକ୍ଷା ୮ ଅକ୍ଟୋବର, ୨୦୨୫ ରୁ କଂପ୍ୟୁଟର-ଆଧାରିତ ନିଯୁକ୍ତି ପରୀକ୍ଷା (ସିବିଆରଇ) ମୋଡ୍‌ରେ ଅନୁଷ୍ଠିତ ହେବ । ଏହା ୨୦୨୫ ନଭେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ।

## ଆଦି ବାଣୀ ଆପ୍ ଆରମ୍ଭ

ନୂଆଦିଲ୍ଲୀ,୧।୯(ନିପ୍ର): ଏବେ ମୁଣ୍ଡାରୀ, ସାନ୍ତାଳୀ, ଫୁଇ, ଗୋଣ୍ଡି ଏବଂ ଭିଲି ଆଦିବାସୀ ଭାଷାକୁ ହିନ୍ଦୀ ଏବଂ ଇଂରାଜୀରେ ଅନୁବାଦ କରାଯାଇପାରିବ । ସୋମବାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଉଦ୍ୟମରେ ଆଦିବାଣୀ ଆପ୍‌ର ଆରମ୍ଭ ହୋଇଛି । ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ମଧ୍ୟ ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

# ୨୦୩୬ ଅଲିମ୍ପିକ୍ ପ୍ରସ୍ତୁତି ନିମନ୍ତେ କ୍ରୀଡ଼ାମନ୍ତ୍ରୀଙ୍କ ପ୍ରସ୍ତାବ




**ଭୁବନେଶ୍ୱର, ୧/୯(ନିପ୍ର):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ଶୁଟିଙ୍ଗ ରେଞ୍ଜଠାରେ ୧୪ତମ ରାଜ୍ୟ ବଂନ୍ଧୁକ ଚାଳନା ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ ରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଭାଗ ନେଉଛନ୍ତି । କଳିଙ୍ଗ ଷ୍ଟାଡିୟମଠାରେ ୫୦ ମିଟର ରାଇଫଲ ପ୍ରୋନ, ୫୦ ମିଟର ରାଇଫଲ ୩-ପି , ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟୀ ପିସ୍ତଲ ଓ ୨୫ ମିଟର ସେନଟର ପିସ୍ତଲ ପ୍ରତିଯୋଗୀତା ଏବଂ ଉତ୍କଳ କରାଟେ ସ୍କୁଲଠାରେ ୧୦ ମିଟର ଏୟାର ରାଇଫଲ ଓ ୧୦ ମିଟର ଏୟାର ପିସ୍ତଲ ଉଭୟ ଏନଆର ଓ ଆଇଏସଏସଏଫ ବିଭାଗରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ହେବ। ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ଏବଂ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ୨୦୩୬ ଅଲମ୍ପିକ ଭାରତରେ ହେବାକୁ ଥିବା କ୍ରିଡାରେ ଓଡିଶାକୁ ପ୍ରସ୍ତୁତ କରି ବନ୍ଧୁକ ଚାଳନାରେ ଓଡିଶା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଂଘର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ ।

## ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସରେ ନୂଆ ସୁବିଧା



**ଭୁବନେଶ୍ୱର,୧/୯(ପିଆଇବି):** ପୂର୍ବତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ ନଂ ୧୨୮୯୨/ ୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସରେ ଏକ ଅତିରିକ୍ତ ନନ୍-ଏସି ଚେୟାର କାର କୋଚ୍ ସ୍ଥାୟୀ ଭାବରେ ସଂଯୋଗ କରିବାକୁ ଘୋଷଣା କରିଛି। ସଂଶୋଧିତ ଟ୍ରେନ୍ କୋଚ୍ ସଂଖ୍ୟା ବୃଦ୍ଧି ୧ ସେପ୍ଟେମ୍ବର ରୁ ପୁରୀରୁ ଏବଂ ୨ ସେପ୍ଟେମ୍ବରୁ ବାଙ୍ଗିରିପୋସିରୁ କାର୍ଯ୍ୟକାରୀ ହେବ, ଟ୍ରେନର ସଂଶୋଧିତ ସାରାଂଚନା ଦ୍ୱାରା ଅଧିକ ଆସନ କ୍ଷମତା ବୃଦ୍ଧି ପାଇବା ସହିତ ଆରାମଦାୟକ ଯାତ୍ରା ପ୍ରଦାନ କରିବ। ପୂର୍ବତଟ ରେଳପଥର ଏହି ପଦକ୍ଷେପ ପୁରୀ-ବାଙ୍ଗିରିପୋଷି ରୁଟରେ ଅଧିକ ଆରାମଦାୟକ ଯାତ୍ରା ଏବଂ ଅଧିକ ଆସନ ବ୍ୟବସ୍ଥା ପ୍ରଦାନ କରିବ।

**AFFIDAVIT**

By virtue of an affidavit sworn before The Executive Magistrate, Krushnaprasad, Puri affidavit no.709 dated.10.06.2025. I Dhobei Chandra Nayak, S/o-Late Kanduri Nayak, At-Gomundia, Po-Titip, Ps-Krushnaprasad, Dist-Puri-752032 declare that I, have change my minor daughter's name from Ankita Nayak to Aaradhya Nayak. Henceforth she will be known as Ankita Nayak for all purposes.

**Sd/-DHOBEI CHANDRA NAYAK**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dtd.-30/08/2025, I, Shibaranjan Dash, S/o Madhusudan Dash, resident of FLat No.-409, Rashmi Vihar, Aiginia, PS.-Aiginia, Bhubaneswar, Dist-Khordha, Odisha-751019 declare that I have changed my name from Shiba Ranjan Dash to Shibaranjan Dash. Henceforth I shall be known as SHIBARANJAN DASH for all purposes.

**Sd/-Shibaranjan Dash**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଂଗେସଂଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ।

**କ.** ପରିଷଦର ବକେୟା କର/ ହୋଲଡିଙ୍ଗ ଟ୍ୟାକ୍ସ ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ କରନ୍ତୁ।
**ଖ.** ଘରର ଅଳିଆ ଆବର୍ଜନାକୁ ଓଦା ଏବଂ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡ଼ିରେ ପ୍ରତ୍ୟହ ଦିଅନ୍ତୁ।
**ଗ.** ନିଜ ଘରର ଚତୁପାର୍ଶ୍ୱକୁ ପ୍ରଦୂଷଣମୁକ୍ତ ରଖନ୍ତୁ।
**ଘ.** ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ନିୟମାନୁଯାୟୀ ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
**ଙ.** ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲଡିଙ୍ଗ ଆପ୍ରୁଭାଲ ପ୍ଲାନ ଏନଏସି କାର୍ଯ୍ୟାଳୟଠାରୁ କରାଇ ନିଅନ୍ତୁ।
**ଚ.** ସମସ୍ତ ଜନସାଧାରଣମାନେ ନିଜ ନିଜର ଗୃହପାଳିତ ପଶୁଗୁଡ଼ିକୁ ନିଜ ଯତ୍ନରେ ରଖନ୍ତୁ। ଏତେତେଣେ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
**ଛ.** ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ୍ ଲାଇସେନ୍ସ ଓ ପରିମଳ ୟୁଜର ଫୀଜ୍ କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି।
**ଜ.** ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ।

| ଶ୍ରୀ ପ୍ରସନ୍ନ କୁମାର ଦାଶ, (ଓ.ମ.ମ.ସ) | ଜି. ପାପା ରାଓ | ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷ | ଅଧ୍ୟକ୍ଷା |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର | ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର | ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର |

# 'ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଆମର ଲକ୍ଷ୍ୟ'

**ଭୁବନେଶ୍ୱର, ୧/୯(ନିପ୍ର):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ସୋମବାର ଜୟଦେବ ଭବନରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ,ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନଜରରେ ରଖି ସହରୀ ଯୋଜନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତରିତ କରିବାର ସ୍ୱପ୍ନ ସହିତ, ସହରର ଅଭିବୃଦ୍ଧି, ରାଜଧାନୀରେ ନିଜର ସ୍ୱପ୍ନର ଘର ଗଢ଼ିବା ପାଇଁ ଚାହୁଁଥିବା ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ ସେ କହିଥିଲେ। ଏବଂ ପରିବେଶର ସବୁଜିମା ସଂରକ୍ଷଣ ଏବଂ ସ୍ୱେରେଜ୍ ତଥା ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନୟନ ଆଣିବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମେୟର ସୁଲୋଚନା ଦାସ ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ସହରରେ ଗଢ଼ିବାରେ ବିଡିଏର ମୁଖ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ଏକାମ୍ର ବିଧାୟକ ବାବୁ ସିଂହ ବିଡିଏକୁ କହିଥିଲେ । ବିଡିଏ ଉପାଧ୍ୟକ୍ଷ ସହରର ବ୍ୟାପକ ବିକାଶ ଓ ବାସିନ୍ଦାଙ୍କ ଜୀବନଧାରଣ ମାନ ବୃଦ୍ଧି ଦିଗରେ କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ବିଡିଏ କର୍ମଚାରୀଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ଦୋହରାଇଛନ୍ତି। ଏହି ଅବସରରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମନ୍ତ୍ରୀ ବିଡିଏର ବାର୍ଷିକ ବିବରଣୀ ଉନ୍ମୋଚନ କରିଥିଲେ । ଶେଷରେ ବିଡିଏର ଅତିରିକ୍ତ ଆୟୁକ୍ତ ସ୍ନିଗ୍ଧା ରାଣୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପଟେ ଆଜି ପ୍ରତିଷ୍ଠା ଦିବସ ଅବସରରେ ମନ୍ତ୍ରୀ ମହାପାତ୍ର କଳିଙ୍ଗ ବିହାର କେ୯ବି ଅଞ୍ଚଳରେ ଏକ ଖେଳପଡ଼ିଆ ଓ ପାର୍କର ଉଦଘାଟନ କରିଥିଲେ । ଏହି ଖେଳପଡ଼ିଆ ୨.୩ ଏକର ଏବଂ ପାର୍କ ୧.୩୬ ଏକର ଜାଗାରେ ନିର୍ମିତ ହୋଇଛି। ଉଭୟ ପ୍ରକଳ୍ପ ମିଳିତ ଭାବେ ପ୍ରାୟ ୫.୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହି ସଂଯୋଜିତ ପାର୍କ ଓ ଖେଳପଡ଼ିଆରେ ସ୍ପ୍ରିଙ୍କଲର ଜଳସେଚନ ବ୍ୟବସ୍ଥା, ଭୂମିଗତ ଜଳ ଭଣ୍ଡାର, ଚାରିପାଖରେ ଚେନ୍ ଲିଙ୍କ ସହିତ କାନ୍ଥ, ଶୌଚାଳୟ, ଚେଞ୍ଜିଂ ରୁମ୍, ଓପନ ଜିମ୍, ଯୋଗ ପିଣ୍ଡି ଏବଂ ଚାଲିବା ପାଇଁ ଟ୍ରାକ୍ ଭଳି ଅନେକ ସୁବିଧା ରହିଛି। ଅନ୍ୟପଟେ ବିଡିଏ ପକ୍ଷରୁ ବର୍ତ୍ତମାନ କେ୯ବି ଖେଳପଡ଼ିଆ ସମେତ ମୋଟ ୨୦ଟି ଖେଳପଡ଼ିଆ ପ୍ରାୟ ୯୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରୁଛି। ବାକି ୧୯ଟି ଖେଳପଡ଼ିଆର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି।







Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ